



# ୨୫

# ପରିବହନ, ଯୋଗାଯୋଗ ଓ ବାଣିଜ୍ୟ

ପୂର୍ବ ଅଧ୍ୟାୟରେ ତୁମେ ଖଣିଜ ଓ ଶକ୍ତିକୁ ଆଧାରିକ ସଂରଚନାର ସମ୍ବଳରୂପେ ପଢ଼ିଛ । ପରିବହନ, ଯୋଗାଯୋଗ ଓ ବାଣିଜ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସେବା ଅଟେ । ଏହି ସେବାଦ୍ୱାରା କୃଷି ତଥା ଉଦ୍ୟୋଗର ସଂପୂର୍ଣ୍ଣ ଅଭିବୃଦ୍ଧି ସମ୍ଭବ ହୋଇଥାଏ । ପରିବହନ ଦ୍ୱାରା ଲୋକ ଏବଂ ଜିନିଷପତ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୁଏ । ତେଣୁ ଉତ୍ପାଦନ, ବିତରଣ ଏବଂ ଉପଭୋଗ ଆଦି ପ୍ରକ୍ରିୟା ପାଇଁ ପରିବହନ ସହାୟକ ହୁଏ । ଯୋଗାଯୋଗ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନରେ ଥିବା ବ୍ୟକ୍ତି ଅଥବା ସଂସ୍ଥାମାନଙ୍କ ମଧ୍ୟରେ ଭାବ ବା ତଥ୍ୟର ଆଦାନ ପ୍ରଦାନ ସମ୍ଭବ ହୁଏ । ରେଡ଼ିଓ ଏବଂ ଟେଲିଭିଜନ ଗଣ ଯୋଗାଯୋଗର ପ୍ରମୁଖ ମାଧ୍ୟମ । ଏହାଦ୍ୱାରା ସମ୍ବାଦ, ସୂଚନା ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରଣ କରାଯାଏ । ଟେଲିଫୋନ୍ ଓ ଟେଲିଗ୍ରାଫ୍ ସେବା ଲୋକଙ୍କ ମଧ୍ୟରେ ଦୂରତା ହ୍ରାସ କରି ନିକଟତର କରାଏ । ଏହାଦ୍ୱାରା ବ୍ୟବସାୟ ବାଣିଜ୍ୟକୁ ପ୍ରୋତ୍ସାହନ ମିଳେ । ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ବା ବହିର୍ଦେଶ ସହ ଦ୍ରବ୍ୟର ଆମଦାନୀ ଓ ରପ୍ତାନୀ ହିଁ ବାଣିଜ୍ୟ । ବାଣିଜ୍ୟ ଦ୍ୱାରା ବୃଦ୍ଧି ତଥା ଶିଳ୍ପର ପ୍ରଗତିର ଧାରା ତ୍ୱରାନ୍ୱିତ ହୁଏ ।

ଏହି ଅଧ୍ୟାୟରେ ତୁମେ ଭାରତରେ ପରିବହନ, ଯୋଗାଯୋଗ ଓ ବାଣିଜ୍ୟର ଗୁରୁତ୍ୱ ସମ୍ବନ୍ଧରେ ଅଧ୍ୟୟନ କରିବ । ପରିବହନ ଏବଂ ଯୋଗାଯୋଗର ବିତରଣ ଏବଂ ଏହାର ଘନତ୍ୱ ବିଷୟରେ ଶିଖିବ । ଏହା ସହିତ ବାଣିଜ୍ୟର ବ୍ୟାପକତା ଏବଂ ଦିଗ ବିଷୟରେ ଜ୍ଞାନ ଅର୍ଜନ କରିପାରିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ତୁମେ :

- 'ଆଧାରିକ ସଂରଚନା'କୁ ବର୍ଣ୍ଣନା କରିପାରିବ;
- କ୍ଷେତ୍ରୀୟ ବିକାଶରେ ଆଧାରିକ ସଂରଚନାର ଭୂମିକା ବୁଝାଇପାରିବ;
- ପରିବହନର ଆବଶ୍ୟକତା ଏବଂ ମାଧ୍ୟମ ମଧ୍ୟରେ ସଂପର୍କ ସ୍ଥାପନ କରିପାରିବ;
- ଗୁରୁତ୍ୱପୂର୍ଣ୍ଣ ସଡ଼କ ପଥ, ରେଳପଥ, ଆକାଶପଥ ଓ ଜଳପଥର ପ୍ରଣାଳୀ ତଥା ବ୍ୟବସ୍ଥାକୁ ଚିହ୍ନଟ କରିପାରିବ;



ଟିପ୍ପଣୀ

- ଆଧୁନିକ ଯୋଗାଯୋଗ ବ୍ୟବସ୍ଥାର ବିଭିନ୍ନ ମାଧ୍ୟମର ଭୂମିକା ବର୍ଣ୍ଣନା କରିପାରିବ;
- ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଲୋକମାନଙ୍କର ଜୀବନ ଶୈଳୀ ପରିବର୍ତ୍ତନରେ ପରିବହନ ଓ ଯୋଗାଯୋଗର ଭୂମିକାକୁ ବୁଝାଇପାରିବ;
- ଜାତୀୟ ସଂହତି, ଆଞ୍ଚଳିକ ନିର୍ଭରତା ତଥା ଦୈନନ୍ଦିନ ଜୀବନରେ ବୁଝାଇପାରିବ;
- ପରିବର୍ତ୍ତିତ ବାଣିଜ୍ୟ ପ୍ରଣାଳୀକୁ ଦର୍ଶାଉଥିବା ଗ୍ରାଫ୍, ଚିତ୍ର ଓ ଡ଼ାଟାକୁ ସଠିକ୍ ରୂପେ ପ୍ରସ୍ତୁତ କରିପାରିବ ।

## 25.1 ଆଧାରିତ ସଂରଚନା : ପରିଭାଷା ଓ କ୍ଷେତ୍ରୀୟ ଉନ୍ନୟନରେ ଭୂମିକା

ଦେଶର ଆର୍ଥିକ ସ୍ଥିତିର ଆଧାରକୁ ସୁଦୃଢ଼ କରିବାରେ ସହାୟକ ହେଉଥିବା ସମସ୍ତ ସମ୍ବଳ 'ଇନ୍‌ଫ୍ରାଷ୍ଟ୍ରକଚର୍' ଶବ୍ଦର ଅନ୍ତର୍ଗତ । ଉତ୍ତମ ଆଧାରିକ ସଂରଚନା ଏବଂ ସେବା ମଧ୍ୟରେ ପରିବହନ (ରେଳପଥ, ସଡ଼କପଥ, ବନ୍ଦର, ବିମାନ ଚଳାଚଳ ଇତ୍ୟାଦି) ଯୋଗାଯୋଗ (ଟେଲି ଯୋଗାଯୋଗ ଏବଂ ଡାକ) ଏବଂ ବିଦ୍ୟୁତ୍ ପରିବହନ ଓ ବିତରଣ ଆଦି ଦେଶର ବିକାଶ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି ।

କ୍ଷେତ୍ରୀୟ ଉନ୍ନୟନ ପାଇଁ କୌଣସି ଯୋଜନା ପ୍ରସ୍ତୁତ କରିବାରେ ଆଧାରିକ ସମ୍ବଳ ସର୍ବଦା ଏକ ନିର୍ଣ୍ଣାୟକ ତତ୍ତ୍ୱ ଅଟେ । ପରିବହନ ସେବା, ବିଦ୍ୟୁତ୍ ପରିବହନ ଓ ବିତରଣ, ଯୋଗାଯୋଗ, ଜଳଯୋଗାଣ ଏବଂ ପରିମଳ, କଠିନ ଅପଶିଷ୍ଟର ନିଷ୍କାସନ ଇତ୍ୟାଦି ଉତ୍କୃଷ୍ଟ ଆଧାରିକ ସେବା ଅନ୍ତର୍ଭୁକ୍ତ । ଏହି ସୁବିଧା ସୁଯୋଗ ଉପଲବ୍ଧ ଅଞ୍ଚଳର ଉନ୍ନୟନ ସମ୍ଭବ । ଏହାଦ୍ୱାରା ପଛୁଆ ରାଜ୍ୟଗୁଡ଼ିକରରେ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ହୋଇଥାଏ ।

ଆଧାରିକ ସେବା ଯୋଗାଣ ଦ୍ୱାରା ଅବିକଶିତ ତଥା ଅର୍ଦ୍ଧ ବିକଶିତ ଅଞ୍ଚଳର ମଧ୍ୟ ବିକାଶ ହୁଏ । ତେଣୁ କ୍ଷେତ୍ରୀୟ ଉନ୍ନୟନ ଯୋଜନା ଅଧିକାରୀ କୌଣସି ଅଞ୍ଚଳର ଉନ୍ନୟନ ଯୋଜନା ସମୟରେ ଏହି ସମୟରେ ଉପଯୁକ୍ତତା ଏବଂ ଏମାନଙ୍କ ମଧ୍ୟରେ ତାରତମ୍ୟକୁ ସର୍ବଦା ନଜରରେ ରଖିବା ଉଚିତ୍ ।

## 25.2 ପରିବହନ ପ୍ରାଧାନ୍ୟ

ଭାରତ ଏକ ବିଶାଳ ଦେଶ । ସାମାଜିକ ସମ୍ବନ୍ଧ ବୃଦ୍ଧ, ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା, ଦେଶର ପ୍ରତିରକ୍ଷାକୁ ସୁନିଶ୍ଚିତ କରିବା ସହ ଦେଶର ସଂହତି ରକ୍ଷାପାଇଁ ପରିବହନର ଆବଶ୍ୟକତା ରହିଛି । ପରିବହନ ତିନୋଟି ପ୍ରଣାଳୀରେ କରାଯାଏ । ଯଥା- ସ୍ଥଳ ପରିବହନ, ଜଳ ପରିବହନ ଓ ଆକାଶ ପରିବହନ । କିନ୍ତୁ ପ୍ରତ୍ୟେକଙ୍କର କିଛି ଉପକାରିତା ସହ ଅପକାରିତା ମଧ୍ୟ ରହିଛି । ସେମାନେ ପରସ୍ପରର ପରିପୂରକ ଭାବେ ଏକ ସମନ୍ୱିତ ନେଟ୍‌ୱାର୍କ ଗଠନ କରନ୍ତି । ଜଳ ପରିବହନ ଓ ସ୍ଥଳ ପରିବହନ ଅନାଦିକାଳରୁ ପ୍ରଚଳିତ ହୋଇ ଆସୁଥିଲେ ମଧ୍ୟ ଆକାଶ ପରିବହନ ନବୀନତମ ଅଟେ । ସ୍ଥଳ ପରିବହନ ସଡ଼କ ପଥ ଓ ରେଳପଥରେ କରାଯାଏ । ଏ ଦୁଇପ୍ରକାର ମଧ୍ୟରୁ ରେଳପଥ ଅପେକ୍ଷାକୃତ ଭାବେ ନୂତନ ରେଳପଥରେ ଅତ୍ୟଧିକ ଭାରୀ ଦ୍ରବ୍ୟକୁ ବହୁଦୂର ପର୍ଯ୍ୟନ୍ତ କମ୍ ଖର୍ଚ୍ଚରେ ପରିବହନ କରାଯାଏ । ବହୁଦୂର ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ମଧ୍ୟ ଏହା ଅପେକ୍ଷାକୃତ ଆରାମ ଦାୟକ ତଥା ଶସ୍ତା ଅଟେ । ତା'ଛଡ଼ା ସ୍ୱଳ୍ପ ଖର୍ଚ୍ଚରେ ଘରୋଇ ଦ୍ରବ୍ୟ ମଧ୍ୟ ନିରାପଦରେ ଘର ପାଖରେ ସଡ଼କ ପରିବହନ ଦ୍ୱାରା ପହଞ୍ଚିପାରେ ।





ଆଜିକାଲି ଜଳ ପରିବହନର ଆକର୍ଷଣ ହ୍ରାସ ପାଇଛି କିନ୍ତୁ ପରିବହନ ଯୋଗ୍ୟ ନଦୀପଥରେ ତଥା ସମୁଦ୍ର ପଥରେ ଭାରି ଜିନିଷକୁ ପରିବହନ କରିବାର ଉପଯୁକ୍ତ ସାଧନ ଜଳପଥ ହିଁ ଅଟେ । ଯଦିଓ ଜଳପଥରେ ପରିବହନ ଅପେକ୍ଷାକୃତ ମନ୍ଥର, ତଥାପି ସବୁଠାରୁ ଶସ୍ତା ଅଟେ ।

ଆକାଶ ପରିବହନର ଲୋକପ୍ରିୟତା କିନ୍ତୁ ବୃଦ୍ଧି ପାଇବାରେ ଲାଗିଛି । କୌଣସି ଜରୁରୀକାଳୀନ ସୂଚନା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ ପୃଥିବୀର ଯେ କୌଣସି ସ୍ଥାନକୁ ଯିବା ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ହିଁ ଏକମାତ୍ର ଉପାୟ । ବିମାନଯାତ୍ରା ବ୍ୟୟବହୁଳ ହେଲେ ମଧ୍ୟ, ସମୟ ଓ ଶକ୍ତି ସଂଚୟ କରାଏ । ଆକାଶ ପରିବହନ ଦ୍ୱାରା ଶ୍ରୀଘ୍ର ଖରାପ ହୋଇଯାଉଥିବା ଜିନିଷ ତଥା ବହୁମୂଲ୍ୟ ପଦାର୍ଥକୁ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ । ଏବେ ବିଭିନ୍ନ ବେସରକାରୀ ବା ଘରୋଇ ବିମାନ ସେବା ଚଳାଚଳ ଆରମ୍ଭ ହେବାଠାରୁ ବିମାନ ଭଡ଼ା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି ।

ପରିବହନ ପ୍ରଣାଳୀ ଉତ୍ପାଦନ କେନ୍ଦ୍ର ଓ ଉପଭୋଗ କେନ୍ଦ୍ର ମଧ୍ୟରେ ସଂଯୋଗ ସ୍ଥାପନ କରେ । ଏହାଦ୍ୱାରା ସ୍ଥାନୀୟ କ୍ଷେତ୍ରୀୟ ଜାତୀୟ

ଏବଂ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ବସ୍ତୁ, ସେବା ଏବଂ ଲୋକମାନଙ୍କର ସ୍ଥାନାନ୍ତରଣ ସୁବିଧା ହୁଏ ।

- ପ୍ରଭାବଶାଳୀ ପରିବହନ ପ୍ରଣାଳୀ ଦ୍ୱାରା ଦେଶର ଆର୍ଥିକ ପ୍ରଗତି ହେବାସହ ଦେଶର ନିରାପତ୍ତା ମଧ୍ୟ ରକ୍ଷା କରାଯାଇପାରେ ।
- ପରିବହନ ତିନୋଟି ମାଧ୍ୟମରେ କରାଯାଏ । ଯଥା :- ସ୍ଥଳ, ଜଳ ଓ ଆକାଶ

## 25.3 ରେଳ ପରିବହନ

ଭାରତୀୟ ରେଳ ସେବା ରୁଷ, ଆମେରିକା ଓ କାନାଡ଼ା ପରେ ସମଗ୍ର ବିଶ୍ୱରେ ୪ର୍ଥ ସ୍ଥାନ ଅଧିକାର କରିଛି । ଭାରତ ପରି ଏକ ବିଶାଳଦେଶରେ ରେଳ ପରିବହନ ଦେଶର, ଦୂର-ଦୂରାନ୍ତ ତଥା କୋଣ ଅନୁକୋଣରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରାଏ । ବହୁଦୂର ଯାତ୍ରା କରୁଥିବା ଯାତ୍ରୀଙ୍କ ମାଲ୍ ପରିବହନ କ୍ଷେତ୍ରରେ ରେଳ ପରିବହନର ଭୂମିକା ପ୍ରଧାନ । କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ତୁଳନାରେ ଭାରତୀୟ ରେଳରେ ସର୍ବାଧିକ ଲୋକ ନିଯୁକ୍ତ ଅଛନ୍ତି ।

ଭାରତରେ ସର୍ବପ୍ରଥମ ରେଳ ଚଳାଚଳ, ୧୮୫୩ ମସିହାରେ ମୁମ୍ବାଇ ଠାରୁ ଥାନେ ମଧ୍ୟରେ (୩୪କି.ମି ଦୈର୍ଘ୍ୟ) ଆରମ୍ଭ ହୋଇଥିଲା । ନିମ୍ନରେ ପ୍ରଦତ୍ତ ସାରଣୀୟ ସ୍ୱାଧୀନୋତ୍ତର ଭାରତରେ ରେଳର ବିକାଶ ସମ୍ବନ୍ଧରେ ଧାରଣା କରାଯାଇପାରିବ ।

*ସାରଣୀ ନଂ - ୨୫.୧ ଭାରତୀୟ ରେଳର ସଂଚାଳନ*

| | 1950-51 | 2003-04 |
|---|---|---|
| ବିଦ୍ୟୁତ୍ ସଂଚାଳିତ ରେଳମାର୍ଗ | 0.4 | 17.5 |



ଟିପ୍ପଣୀ

| | | |
|---|---|---|
| ( ହଜାର କିଲୋମିଟରରେ ) | | |
| ରେଳ ଲାଇନ୍‌ର ମୋଟ୍ ଦୈର୍ଘ୍ୟ ( ହଜାର କିଲୋମିଟରରେ ) | 53.6 | 63.2 |
| ମୋଟ୍ ଯାତାୟତ ( ମିଲିୟନ ଟନ୍‌ରେ ) | 93.0 | 557.3 |
| ମୋଟ୍ ମାଲ ପରିବହନ ପଥ ( ବିଲିୟନ୍ ଟନ୍-କି.ମି )ସଂଖ୍ୟା | 44.1 | 381.2 |
| ମୋଟ୍ ଯାତ୍ରୀ ସଂଖ୍ୟା ( ମିଲିୟନ୍‌ରେ) | 1284.0 | 5123.0 |
| ଯାତ୍ରୀ – କି.ମି (ବିଲିୟନ୍‌ରେ) | 66.5 | 541.2 |

ପ୍ରଦତ୍ତ ସାରଣୀରୁ ବିଗତ 50ବର୍ଷ ମଧ୍ୟରେ ଭାରତୀୟ ରେଳର ପରିମାଣାତ୍ମକ ବିକାଶ ସମ୍ବନ୍ଧରେ ତୁମେ ଜ୍ଞାନ ହାସଲ କରିପାରିବ । ପ୍ରଥମ ପର୍ଯ୍ୟାୟରେ ରେଳପଥର ଦୈର୍ଘ୍ୟ ସ୍ୱଳ୍ପ ବୃଦ୍ଧିପାଇଛି । ମୋଟ୍ ରେଳପଥର ପ୍ରାୟ 28% ବିଦ୍ୟୁତିକରଣ କରାଯାଇଛି । ଏହା ଫଳରେ ରେଳ ଯାତାୟତ ପ୍ରଦୂଷଣମୁକ୍ତ ପଥରେ ଦ୍ରୁତଗତିରେ ହୋଇଥାଏ । ଏହାଦ୍ୱାରା ରେଳ ଚଳାଚଳରେ କୋଇଲା ବାବଦ ପରିବହନ ଖର୍ଚ୍ଚ କାଟ ହୋଇପାରିଛି । ଏହା ଫଳରେ ରେଳ ୱାଗନ ଗୁଡ଼ିକ ଅନ୍ୟ ବାଣିଜ୍ୟ କାରବାର ଉଦ୍ଦେଶ୍ୟରେ ମାଲ୍ ପରିବହନରେ ସୁବିଧା ପରିପାରୁଛି । ଯଦିବା ନୂତନ ରେଳପଥ ନିର୍ମାଣରେ ଯଥେଷ୍ଟ ପ୍ରଗତି ଘଟିନାହିଁ ଯାତ୍ରୀ ପରିବହନ ଆଠ ଗୁଣରୁ ଅଧିକ ବୃଦ୍ଧିପାଇଛି । ମାଲପରିହନ ମଧ୍ୟ ଏହି ସମୟ ମଧ୍ୟରେ ଦଶଗୁଣ ବୃଦ୍ଧିପାଇଛି । ଏହା ରେଳ ପରିବହନର ଗୁଣାତ୍ମକ ବୃଦ୍ଧି ସୂଚେଇ ଦେଉଛି; ଯାହାକି ରେଳପଥ ବିଦ୍ୟୁତିକରଣ ଓ ଡ଼ିବେଲ୍ ବ୍ୟବହାର ଦ୍ୱାରା ସମ୍ଭବ ହେଉଛି । କୋଇଲା ଚାଳିତ ଇଞ୍ଜିନ୍ ସଂଖ୍ୟା 1950-51 ରେ 8120 ରୁ 2003-24 ରେ 45 ଖସି ଆସିଛି । ସେହିଭଳି ସେ ସମୟରେ 17 ଟି ଡ଼ିଜେଲ ଇଞ୍ଜିନରୁ 4769 କୁ ବୃଦ୍ଧିପାଇଛି । ବିଦ୍ୟୁତ୍ ଇଞ୍ଜିନ୍ 72 ରୁ 3003 କୁ ବୃଦ୍ଧିପାଇଛି ।

ଆଗରୁ ଦେଖାଯାଇଛି ନୂତନ ରେଳପଥ ସୀମିତ ଭାବେ ବୃଦ୍ଧିପାଇଛି; କିନ୍ତୁ ରେଳପଥ ଚଳାଚଳ ଦୈର୍ଘ୍ୟ 1950-51 ରେ 59,000 କି.ମି.ରୁ 2003-04 ରେ 84,000 କି.ମି. ବୃଦ୍ଧିପାଇଛି । ଏହାର ଅର୍ଥ ପର୍ଯ୍ୟାପ୍ତ ଅଂଶ, ବିଶେଷ କରି ବ୍ୟସ୍ତ ବହୁଳ ରେପଥକୁ ଦୋହରୀକରଣ ଏପରିକି ତୃତୀୟ ରେଳପଥରେ ପରିବର୍ତ୍ତନ କରାଯାଇଛି । ଏହା ଫଳରେ ରେଳବିଭାଗ ଅଧିକ ମାଲ ଓ ଯାତ୍ରୀଗାଡ଼ି ଚଳାଇବାରେ ସମକ୍ଷ ହୋଇପାରିଛି । ରେଳବାଇ ମିଟର ଗେଜ୍ ରେଳପଥକୁ ବ୍ରୋଡ଼ ଗେଜ୍ (1.68 ମିଟର) ପରିବର୍ତ୍ତନ କରି ଅଧିକ ମାଲ ଓ ଯାତ୍ରୀ ପରିବହନ ଦୃତଗତିରେ ହୋଇପାରୁଛି ।

ରେଳପଥର ବିକାଶ ହେତୁ ଦେଶରେ ଦ୍ରୁତଗାମୀ ରେଳ ଚଳାଚଳ ଆରମ୍ଭ ହୋଇଛି । ପୂର୍ବେ ଦେଶରେ ଦୁଇ ପ୍ରକାର ଟ୍ରେନ୍ ଯଥା:-

(i) ପାସେଞ୍ଜର୍ ଓ ଏକ୍ସ୍‌ପ୍ରେସ୍ ଚଳାଚଳ କରୁଥିଲା । ମାତ୍ର ଏବେ ସୁପରଫାଷ୍ଟ ଏକ୍ସପ୍ରେସ୍, ରାଜଧାନୀ ଏକ୍ସପ୍ରେସ୍, ଶତାବ୍ଦୀ (ସବୁଠାରୁ ଦ୍ରୁତଗାମୀ) ଏକ୍ସପ୍ରେସ୍ ଭଳି ଟ୍ରେନ୍ ଚାଲୁ ହୋଇଛି । ଏବେ ମେଟ୍ରୋ ସହରରେ ପରିବହନ





ପାଇଁ 'ମେଟ୍ରୋରେଳ' ଚଳାଚଳ ଆରମ୍ଭ ହୋଇଛି । ଏ ଦିଗରେ ଦିଲ୍ଲୀ ପ୍ରଥମ ଉଦାହରଣ, ଯେଉଁଠାରେ ମେଟ୍ରୋରେଲ୍‌ୱେ ସଂପୂର୍ଣ୍ଣ ସଫଳତାର ସହ କାର୍ଯ୍ୟକରୁଛି ।

ଭାରତୀୟ ରେଳ ନିଜର ଉପଯୋଗିତା ତଥା ଅଭିବୃଦ୍ଧି ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିଛି ।

- ◆ କାର୍ଯ୍ୟକାରୀ ରେଳପଥର ଦୈର୍ଘ୍ୟ ବୃଦ୍ଧି;
- ◆ ବ୍ୟସ୍ତବହୁଳ ରେଳମାର୍ଗର ବିଦ୍ୟୁତିକରଣ;
- ◆ ମିଟର ଗେଜ୍ ରେଳପଥକୁ ବ୍ରଡ୍‌ଗେଜ୍‌ରେ ପରିବର୍ତ୍ତନ
- ◆ ଦ୍ରୁତଗାମୀ ତଥା ଅତି ଦ୍ରୁତଗାମୀ ରେଳ ଚଳାଚଳ
- ◆ ଦ୍ରୁତ ମାଲବାହୀ ଗାଡ଼ି ଏବଂ ଖାଦ୍ୟଶସ୍ୟ ବହନକାରୀ ରେଳ ଚଳାଚଳ
- ◆ ଇଣ୍ଟରନେଟ୍ ମାଧ୍ୟମରେ ଆରକ୍ଷଣ (Reservation)

ଆରକ୍ଷଣ ସୁବିଧା ଯୋଗାଣ, ଗ୍ରାହକ ସେବାକେନ୍ଦ୍ର ଖୋଲିବା

**ବ୍ୟସ୍ତ ବହୁଳ ରେଳପଥ ଅଂଚଳ**

(i) ଉତ୍ତରସ୍ଥ ସମତଳ ଅଞ୍ଚଳ ଏବଂ ପୂର୍ବ ଉପକୂଳ ସମତଳ ଅଞ୍ଚଳରେ ରେଳପଥର ବହୁଳତା ଦେଖାଯାଏ । ସମତଳ ଭୂମି, ଉର୍ବର ମୃତ୍ତିକା, ବହୁଳ ଜନସଂଖ୍ୟା ଏବଂ ଶିଳ୍ପୋଦ୍ୟୋଗ ବିସ୍ତାର ଆଦି କାରଣ ଯୋଗୁଁ ଏହି ଅଞ୍ଚଳରେ ରେଳପଥର ବହୁଳତା ଦେଖାଯାଏ ।

(ii) ଗୁଜୁରାଟ ସମତଳ ଅଞ୍ଚଳ, ସୌରାଷ୍ଟ୍ର, କେନ୍ଦ୍ରୀୟ ତାମିଲନାଡୁ ଏବଂ ଛୋଟନାଗପୁର ମାଳଭୂମି ଆଦି ଅଂଚଳ ମଧ୍ୟ ରେଳପଥରେ ପରିପୂର୍ଣ୍ଣ ।

**ମଧ୍ୟମ ବା ସାଧାରଣ ରେଳପଥ ଅଞ୍ଚଳ**

ତାମିଲନାଡୁ ଓ ଛୋଟନାଗପୁର ମାଳଭୂମି ଛଡ଼ା ଉପଦ୍ୱୀପୀୟ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟମ ବା ସାଧାରଣ ଭାବେ ରେଳପଥ ଦେଖାଯାଏ । ଏହି ଭୂ-ଭାଗ ପାହାଡ଼ିଆ ଏବଂ ଉଚ୍ଚନୀଚ ଥିବାରୁ ରେଳପଥ ନିର୍ମାଣ କରିବା କଷ୍ଟକର । ତା'ଛଡ଼ା ବଡ଼ ବଡ଼ ଶିଳ୍ପୋଦ୍ୟୋଗ ଓ ବନ୍ଦର ସହ ସଂଯୁକ୍ତ କରୁଥିବା କିଛି ରେଳପଥ ମଧ୍ୟ ଅଛି । ଏହି ଅଞ୍ଚଳରେ ଦୁଇ ପାହାଡ଼ର ମଧ୍ୟବର୍ତ୍ତୀ ଅଂଚଳରେ କିମ୍ବା ସୁଡ଼ଙ୍ଗ କରି ରେଳପଥ ନିର୍ମାଣ କରାଯାଏ ।

**ବିରଳ ରେଳପଥ ଅଞ୍ଚଳ :**

(i) ଜାମ୍ମୁ ଓ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍ ଏବଂ ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ପାର୍ବତ୍ୟାଞ୍ଚଳ ରାଜ୍ୟରେ ପ୍ରାୟ ରେଳପଥ ଦେଖାଯାଏ ନାହିଁ । ଆବଡ଼ା ଖାବଡ଼ା ଭୂ-ରୂପ ଏବଂ ପାର୍ବତୀୟ ଅଞ୍ଚଳ ଯୋଗୁଁ ଏଠାରେ ରେଳପଥ ନାହିଁ । କିନ୍ତୁ ଜାମ୍ମୁ, କଥଗୋଡ଼ମ୍, କୋଟ୍‌ଦ୍ୱାର ଏବଂ ଡ଼େରାଡୁନ୍ ପରି ହିମାଳୟ ପାଦଦେଶର ସହର ଗୁଡ଼ିକରେ ରେଳପଥ ଅନ୍ତିମଭାବେ ଅଛି । ଏବେ ଜାମ୍ମୁ ଠାରୁ ଉଦ୍ଧାମପୁର ପର୍ଯ୍ୟନ୍ତ ରେଳପଥ ସଂପ୍ରସାରଣ କରାଯାଇଛି । ତା'ଛଡ଼ା କାଲ୍‌କା ଓ ଶିମଳା ଏବଂ ସିଲିଗୁଡ଼ି ଓ ଦାର୍ଜିଲିଂ ମଧ୍ୟରେ ନ୍ୟାରୋଗେଜ୍ ରେଳପଥ ରହିଛି ।

(ii) ଉତ୍ତର ପୂର୍ବାଞ୍ଚଳରେ ମଧ୍ୟ ରେଳପଥର ବିରଳତା ଦେଖାଯାଏ । କେବଳ ଆସାମର ବ୍ରହ୍ମପୁତ୍ର ଉପତ୍ୟକାରେ ମୁଖ୍ୟରେଳପଥ ଅଛି । ପାର୍ବତ୍ୟାଞ୍ଚଳ, ଘଞ୍ଚ ଜଙ୍ଗଲ, ପ୍ରବଳ ବର୍ଷା, ଆର୍ଥିକ ଦୁରବସ୍ଥା ଓ ଜନବିରଳତା ଆଦି କାରଣ ଯୋଗୁଁ ରେଳପଥର ବିକାଶ କରାଯାଇ ପାରୁନାହିଁ ।





(iii) ପଶ୍ଚିମ ରାଜସ୍ଥାନର ମରୁଭୂମି ଅଞ୍ଚଳରେ ମଧ୍ୟ ରେଳପଥ ପ୍ରାୟ ନାହିଁ । କେବଳ ବଡ଼ ବଡ଼ ସହରକୁ ସଂଯୁକ୍ତ କରୁଥିବା କେତେକ ମିଟର ଗେଜ୍ ରହିଛି । ଆଜିକାଲି ମିଟର ଗେଜ୍ ରେଳପଥକୁ ବ୍ରଡ଼ଗେଜ୍‌ରେ ରୂପାନ୍ତରିତ କରାଯାଇଛି । ଏହି ଅଂଚଳ ଜନବିରଳ ଏବଂ ଶିଳ୍ପୋଦ୍ୟୋଗର ଅଭାବ ହେତୁ ରେଳପଥର ବିକାଶ ହୋଇପାରିନାହିଁ । ସର୍ବୋପରି ଉଷ୍ଣ ଓ ଶୁଷ୍କ ଜଳବାୟୁ ମଧ୍ୟ ଅନ୍ୟ ଏକ କାରକ । ଶୁଷ୍କ ବାଲୁକା ମିଶ୍ରିତ ପବନ ରେଳଧାରଣା ଉପରେ ଢ଼ାଙ୍କି ଯାଏ । ଉପରୋକ୍ତ କାରଣ ଯୋଗୁଁ ଏ ଅଞ୍ଚଳରେ ରେଳପଥ ଗଠନ କରିବା ବା ମରାମତି କରିବା କଷ୍ଟସାଧ୍ୟ ।

## ମୁଖ୍ୟ ବ୍ୟସ୍ତବହୁଳ ରେଳପଥ

ଯଦି ତୁମେ ଭାରତର ମୁଖ୍ୟ ସହର ଯଥା ଦିଲ୍ଲୀ ମୁମ୍ବାଇ, ଚେନ୍ନାଇ, କୋଲକାତା (ପୁନର୍ବାର ଦିଲ୍ଲୀ ପର୍ଯ୍ୟନ୍ତ)ର ବ୍ୟସ୍ତବହୁଳ ରେଳପଥକୁ ଲକ୍ଷ୍ୟ କରିବ । ତେବେ ଗୋଟିଏ ଗୁଡ଼ି ଆକୃତି ଦେଖିବାକୁ ପାଇବ । ପରବର୍ତ୍ତୀ ଭାବେ ଏହାକୁ ମୁମ୍ବାଇ ଏବଂ କୋଲକାତା ସହ ଏବଂ ଅନ୍ୟପକ୍ଷେ ଦିଲ୍ଲୀ ଓ ଚେନ୍ନାଇ ସହ ସଂଯୁକ୍ତ କର, ତେବେ ଗୁଡ଼ି ଆକାର ଚିତ୍ର ପାଇବ । ଏହି ରେଳପଥଗୁଡ଼ିକ ଦେଶର ସମଗ୍ର ରେଳପଥର ମେରୁଦଣ୍ଡ ପରି କାର୍ଯ୍ୟକରେ ।

ଏହି ବ୍ୟବସ୍ଥା ସହ ଆଉ ଦୁଇଟି ସଂଯୋଗୀକରଣ ଆବଶ୍ୟକ । ସେ ମଧ୍ୟରୁ ଗୋଟିଏ ଉତ୍ତର-ପଶ୍ଚିମରେ ସତଲେଜ ଅବବାହିକା କିମ୍ବା ପଞ୍ଜାବ ସମତଳ ଭୂମି ଓ ଅନ୍ୟଟି ଆସାମର ବ୍ରହ୍ମପୁତ୍ର ଉପତ୍ୟକା, ପ୍ରଥମ ରେଳପଥ ଦିଲ୍ଲୀ ସହ ପଠାଣକୋଟ ଅମୃତସର-ଓ୍ୱାଘା ଏବଂ ଫିରୋଜପୁରକୁ ସଂଯୋଗ କରିବ । ଦ୍ୱିତୀୟଟି ଉତ୍ତର-ପୂର୍ବ ବିହାର ଏବଂ ଉତ୍ତର ପଶ୍ଚିମ ବଙ୍ଗ ସହ ଅପର ଆସାମର ଦିବ୍ରୁଗଡ଼ ସହ ସଂଯୁକ୍ତ କରିବ ।

ଏହି ରେଳପଥଗୁଡ଼ିକ ବ୍ରଡ଼ଗେଜ୍ ଦ୍ୱାରା ଦିଲ୍ଲୀ ସହ ସଂଯୁକ୍ତ ଏବଂ ଏହାର ଅଧିକ ଅଂଶ ବିଦ୍ୟୁତିକରଣ କରାଯାଇଛି ।

**ଭାରତୀୟ ରେଳର ଭୂମିକା :**

ନିମ୍ନରେ ପ୍ରଦତ୍ତ ସାରଣୀୟ ଭାରତୀୟ ରେଳର ଭୂମିକା ସ୍ପଷ୍ଟରୂପେ ଜଣାପଡ଼େ ।

ସାରଣୀ ୨୫.୨ ଭାରତୀୟ ରେଳଦ୍ୱାରା ମାଲ ପରିବହନ ( ମିଲିୟନ୍ ଟନ୍‌ରେ)

| ପଦାର୍ଥ | 1950-51 | 2003-04 |
|---|---|---|
| (i) କୋଇଲା | 20.2 | 271.40 |
| (ii) କଞ୍ଚାମାଲ (ଲୌହ ଇସ୍ପାତ ଶିଳ୍ପର) | Nil | 44.26 |
| (iii) ପିଗ୍ ଆଇରନ୍, ଇସ୍ପାତ | - | 15.20 |
| (iv) ରପ୍ତାନୀ ପାଇଁ ଲୁହାପଥର | Nil | 36.41 |
| (v) ସିମେଣ୍ଟ୍ | 2.5 | 53.47 |
| (vi) ଖାଦ୍ୟଶସ୍ୟ | 8 | 46.52 |
| (vii) ସାର | Nil | 28.75 |
| (viii) ଖଣିଜ ତୈଳ | 2.7 | 22.00 |



ଟିପ୍ପଣୀ

(i) ରେଳପଥ ସର୍ବାଧିକ କୋଇଲା ହିଁ ପରିବାହିତ ହୁଏ । ରେଳ ପରିବହନ ସେବା ଦ୍ୱାରା କୋଇଲା ନଥିବା ଅଞ୍ଚଳରେ ମଧ୍ୟ ଶିଳ୍ପ ବିକାଶ ସମ୍ଭବ ହୋଇପାରନ୍ତି ।

(ii) ଶିଳ୍ପ କେନ୍ଦ୍ରଗୁଡ଼ିକୁ କଞ୍ଚାମାଲ୍ ପହଞ୍ଚିବା ଦ୍ୱାରା ଶିଳ୍ପ ଉତ୍ପାଦନ ବୃଦ୍ଧିପାଉଛି ।

(iii) ଦ୍ୱିତୀୟକ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ ଅର୍ଦ୍ଧ-ନିର୍ମିତ ଉତ୍ପାଦ ବା ପୂର୍ଣ୍ଣ ପ୍ରସ୍ତୁତ ଉତ୍ପାଦ (ପିଗ୍ ଆଇରନ୍ ଓ ଷ୍ଟିଲ୍)କୁ ପରିବାହିତ କରି ବିତରଣ କରେ ।

(iv) ଲୁହାପଥର, ସିମେଣ୍ଟ ଏବଂ ଖାଦ୍ୟଶସ୍ୟ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ ।

(v) ସମଗ୍ର ଦେଶର କୋଣେ ଅନୁକୋଣେ ସିମେଣ୍ଟ ପହଞ୍ଚାଇ ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ।

(vi) ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରଚୁର ପରିମାଣରେ ସାର ଯୋଗାଇ କୃଷି ଉତ୍ପାଦନ କରାଉଛି ।

(vii) ରେଳ ଦ୍ୱାରା ଖଣିଜ ତୈଳ ବନ୍ଦରଗୁଡ଼ିକରୁ ତୈଳ ବିଶୋଧନାଗାରକୁ ସ୍ଥାନାନ୍ତରିତ ହୁଏ ଏବଂ ସେଠାରୁ ଅନ୍ୟସ୍ଥାନକୁ ପ୍ରେରଣ କରାଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୫.୧

ସଂକ୍ଷିପ୍ତ ଉତ୍ତର ଦିଅ ।

1. ଆଧାରିକ ସେବାର ୨ଟି ଉଦାହରଣ ଲେଖ ।

   (i) __________ (ii) __________

2. ୨୦୦୩-୦୪ ମସିହାରେ ଭାରତୀୟ ରେଳପଥର ଦୈର୍ଘ୍ୟ କେତେ ?

   ____________________

3. ରେଳ ପରିବହନର ୨ଟି ଉପକାରିତା ଲେଖ ।

   (i) __________ (ii) __________

4. ଘଞ୍ଚ ରେଳପଥ ଥିବା ୨ଟି ଅଞ୍ଚଳର ନାମ ଲେଖ ।

   (i) __________ (ii) __________

5. ଭାରତର ଉତ୍ତର ପୂର୍ବ ଅଂଚଳରେ ରେଳପଥ ଅଳ୍ପ ବିସ୍ତାର ଲାଭ କରିବାର ମୁଖ୍ୟ କାରଣ ଉଲ୍ଲେଖ କର ।

   (i) __________ (ii) __________

6. ଉପଦ୍ୱୀପୀୟ ଭାରତରେ ରେଳପଥ ବିଛାଇବାର ମୁଖ୍ୟ ସମସ୍ୟା ଗୁଡ଼ିକ ଲେଖ ।

   (i) __________ (ii) __________



ଟିପ୍ପଣୀ

## 25.4 ସଡ଼କ ପରିବହନ

ସଡ଼କ ପରିବହନ ସବୁଠାରୁ ପୁରାତନ ପରିବହନ ମାଧ୍ୟମ । ସବୁ ସ୍ଥାନରେ ମାଲପତ୍ର ଓ ଲୋକପରିବହନ କରିବାରେ ସଡ଼କ ପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷଭାବେ ଗ୍ରାମୀଣ ଅର୍ଥନୀତି ସଡ଼କ ପରିବହନ ଉପରେ ନିର୍ଭର କରେ । ମୋଟର ଗାଡ଼ି ଉଦ୍ଭାବନ ହେବା ପରଠାରୁ ସଡ଼କପଥର ପ୍ରାଧାନ୍ୟ ବୃଦ୍ଧିପାଇଛି । ରେଳପଥ ଅପେକ୍ଷା ସଡ଼କପଥର ଗୁରୁତ୍ୱ ଅଧିକ ହେବାର କାରଣ :

(i) ରେଳ ପରିବହନ ସେବା ରେଳ ଷ୍ଟେସନ୍‌ରେ ସମାପ୍ତ ହେବାବେଳେ ସଡ଼କ ପରିବହନ ଘର ପର୍ଯ୍ୟନ୍ତ ବ୍ୟାପ୍ତ ।

(ii) ପାର୍ବତ୍ୟାଞ୍ଚଳରେ ପାହାଡ଼ରେ ସୁଡ଼ଙ୍ଗ ନ କରି ମଧ୍ୟ ସଡ଼କପଥ ନିର୍ମାଣ କରାଯାଇପାରେ । କିନ୍ତୁ ସେଭଳି ଅଞ୍ଚଳରେ ରେଳପଥ ନିର୍ମାଣ କରିବା ବ୍ୟୟବହୁଳ ବା ଅସମ୍ଭବ ।

(iii) ସଡ଼କ ପରିବହନ ସୁଗମ୍ୟ, ବିଶ୍ୱସନୀୟ ଓ ଦ୍ରୁତ ଅଟେ ।

(iv) ଦୁଗ୍ଧ, ଫଳ ଓ ପନିପରିବା ଭଳି ଶୀଘ୍ର ଖରାପ ହୋଇଯାଉଥିବା ପଦାର୍ଥ ପରିବହନ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ।

(v) ସଡ଼କ ପଥ ନିର୍ମାଣରେ ତଥା ମରାମତିରେ ରେଳପଥ ନିର୍ମାଣ ତୁଳନାରେ କମ୍ ଖର୍ଚ୍ଚଲାଗେ ।

(vi) ସ୍ୱଳ୍ପ ଦୂର ଯାତ୍ରାପାଇଁ ସଡ଼କପଥ ଅତ୍ୟନ୍ତ ଉପଯୋଗୀ । ସଡ଼କପଥ ଆଭ୍ୟନ୍ତରୀଣ ଅଂଚଳକୁ ଷ୍ଟେସନ ସହ ସଂଯୁକ୍ତ କରେ ।

(vii) ପର୍ଯ୍ୟଟନ ଶିଳ୍ପର ବିକାଶ କ୍ଷେତ୍ରରେ ସଡ଼କ ପଥର ଗୁରୁତ୍ୱ ରହିଛି । ଦେଶରେ ସଡ଼କ ପଥର ମୋଟ୍ ଦୈର୍ଘ୍ୟ 3.32 ଲକ୍ଷ କି.ମି ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତୀୟ ସଡ଼କ ପଥର ସ୍ଥାନ ପ୍ରଥମ । ତା'ପରେ ମଧ୍ୟ ଆମଦେଶ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ।




**ଚିତ୍ର ନଂ ୨୫.୧ : *ଭାରତରେ ସଡ଼କ ପଥର ଦୈର୍ଘ୍ୟର ବିକାଶ***

### ପକ୍କା ତଥା କଚ୍ଚା ସଡ଼କ

ସିମେଣ୍ଟ ଓ କଂକ୍ରିଟ୍ ନିର୍ମିତ ସଡ଼କକୁ ପକ୍କା ସଡ଼କ କୁହାଯାଏ । ବର୍ଷସାରା ସବୁ ସମୟରେ ଏହି ସଡ଼କ ବ୍ୟବହାର ହୁଏ । 1997 ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ପକ୍କା ସଡ଼କର ମୋଟ୍ ଦୈର୍ଘ୍ୟ ଥିଲା 13,95,067 କି.ମି କଚ୍ଚା ସଡ଼କ ନିର୍ମିତ । ଏହି ସଡ଼କରେ ମୁଖ୍ୟତଃ ବଳଦଗାଡ଼ି ଚାଲେ ଏବଂ ଗାଁଗୁଡ଼ିକୁ ପରସ୍ପର ସହିତ ସଂଯୋଗ କରିବା ସହ





ଗ୍ରାମାଞ୍ଚଳକୁ ସହରାଞ୍ଚଳ ସହ ସଂଯୁକ୍ତ କରେ । ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବର୍ଷାଋତୁରେ କଚ୍ଚା ସଡ଼କରେ ଯାତାୟତ କରିବା ବ୍ୟାହତ ହୋଇଯାଏ । 1997 ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ମୋଟ୍ 10,71,816 କି.ମି ଦୈର୍ଘ୍ୟର କଚ୍ଚା ସଡ଼କ ଥିଲା ।

## ସଡ଼କ ପରିବହନର ବିକାଶ

ସ୍ୱାଧୀନତା ପରେ ଦେଶରେ ସଡ଼କ ପଥର ଦୈର୍ଘ୍ୟରେ ଆଖିଦୃଷ୍ଟିଆ ବିକାଶ ହୋଇଛି । ପକ୍କା ସଡ଼କର ଦୈର୍ଘ୍ୟ (1950-51) 1.57 ଲକ୍ଷ କି.ମି.ରୁ 13.94 ଲକ୍ଷ କି.ମି. (1997)କୁ ବୃଦ୍ଧି ପାଇଛି । ସେହି ସମୟ ମଧ୍ୟରେ କଚ୍ଚା ସଡ଼କର ଦୈର୍ଘ୍ୟ 2.42 ଲକ୍ଷ କି.ମି.ରୁ 10.71 ଲକ୍ଷ କି.ମି.କୁ ବୃଦ୍ଧିହୋଇଛି ।
ସଡ଼କର ଦୈର୍ଘ୍ୟ ଛଡ଼ା ଭାରୀ ଯାନବାହାନ ଯଥା ବସ୍ ଓ ଟ୍ରକ୍ ସଂଖ୍ୟା ମଧ୍ୟ ବହୁ ସଂଖ୍ୟାରେ ବଢ଼ିଯାଇଛି । ଟ୍ରାଫିକ୍ ସଂଖ୍ୟା ମାତ୍ରାଧିକ ବୃଦ୍ଧିଯୋଗୁଁ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିଯାଇଛି । ତା'ଛଡ଼ା ବହୁ ସଂଖ୍ୟାରେ ଯାନବାହାନ ଚଳାଚଳ ହେତୁ ବାୟୁ ପ୍ରଦୂଷଣ ମଧ୍ୟ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଛି ।

## ସଡ଼କର ଭୌଗୋଳିକ ବିତରଣ

100 ବର୍ଗ କି.ମି ପିଛା ସଡ଼କ ପଥର ହାରାହାରି ଦୈର୍ଘ୍ୟ ହିଁ ସଡ଼କର ଘନତ୍ୱ । ଏବେ ମଧ୍ୟ ବିକଶିତ ଦେଶମାନଙ୍କ ତୁଳନାରେ ଆମଦେଶରେ ସଡ଼କ ପଥର ଘନତ୍ୱ ସ୍ୱଳ୍ପ ଅଛି । ସମତଳ ଭୂମି, ଉର୍ବର ମୃତ୍ତିକା ଏବଂ ମାତ୍ରାଧିକ ଜନସଂଖ୍ୟା ଯୋଗୁଁ ଉତ୍ତରସ୍ଥ ସମତଳ ଭୂମିରେ ସଡ଼କପଥର ଘନତ୍ୱ ସର୍ବାଧିକ । ଏହି ଅଂଶରେ ପକ୍କା ସଡ଼କ ତୁଳନାରେ କଚ୍ଚା ସଡ଼କ ଅଧିକ । ମାତ୍ର ଉପଦ୍ୱୀପୀୟ ମାଳଭୂମିରେ ସଡ଼କ ତିଆରି ପଦାର୍ଥର ସୁଲଭତା ହେତୁ ପକ୍କା ସଡ଼କ ଅଧିକ । କିନ୍ତୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପାର୍ବତ୍ୟ ଭୂମି, ଘଞ୍ଚ ଜଙ୍ଗଲ, ପ୍ରବଳ ବର୍ଷାଜନିତ ବନ୍ୟା ଆଦି କାରଣ ଯୋଗୁଁ ସଡ଼କ ପଥର ସ୍ୱଳ୍ପତା ଦେଖାଯାଏ । ସ୍ୱଳ୍ପ ଜନସଂଖ୍ୟା ମଧ୍ୟ ଏହାର ଅନ୍ୟ ଏକ କାରଣ ।
ଆମଦେଶରେ ସଡ଼କ ପଥ ଘନତ୍ୱର ବ୍ୟବସ୍ଥାରେ ମଧ୍ୟ ତୀବ୍ର ଆସମାନତା ରହିଛି । କୃଷିର ବିକାଶ, ଶିଳ୍ପ, ନଗରୀକରଣ ଏବଂ ଜନସଂଖ୍ୟାର ବହୁଳତା ଆଦି କାରଣ ଯୋଗୁଁ ଏହ ବିଭିନ୍ନତା ଦେଖାଯାଏ । ଶିଳ୍ପୋଦ୍ୟୋଗର ବହୁଳତା ଏବଂ ନଗରୀକରଣ ଯୋଗୁଁ କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଏହି ବର୍ଗରେ ସାମିଲ୍ ହୋଇଛି ।
ଆନ୍ଧ୍ରପ୍ରଦେଶ ଓ ବିହାରରେ ମଧ୍ୟମ ଘନତ୍ୱ ଦେଖାଯାଏ । ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ସ୍ୱଳ୍ପ ଜନସଂଖ୍ୟା ଓ ସ୍ୱଳ୍ପ ଅର୍ଥନୈତିକ ବିକାଶ ଯୋଗୁଁ ସଡ଼କପଥର ନିମ୍ନ ଘନତ୍ୱ ଦେଖାଯାଏ । ହିମାଳୟ ପାର୍ବତ୍ୟାଞ୍ଚଳ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସଡ଼କପଥର ମାତ୍ରାଧିକ ସ୍ୱଳ୍ପ ଘନତ୍ୱ ଦେଖାଯାଏ । 100ବର୍ଗ କି.ମିରେ 20 କି.ମି.ରୁ କମ୍ ସଡ଼କ ରହିଛି । ପକ୍କା ସଡ଼କ ବ୍ୟବସ୍ଥା ଅନୁଯାୟୀ ଉତ୍ତରରେ ପଞ୍ଜାବ ଏବଂ ଦକ୍ଷିଣରେ କେରଳ ଓ ତାମିଲନାଡୁ ପର୍ଯ୍ୟନ୍ତ ସଡ଼କ ପଥରେ ସମାନତା ନାହିଁ । ବିଭିନ୍ନ ଅଞ୍ଚଳର ଭୂ-ରୂପ, ଜଳବାୟୁ, ଅର୍ଥନୈତିକ ବିକାଶ ଓ ଜନସଂଖ୍ୟାର ଘନତ୍ୱରେ ବିଭିନ୍ନତା ଯୋଗୁଁ ସଡ଼କପଥର ଘନତ୍ୱରେ ମଧ୍ୟ ଅସମାନତା ପରିଲକ୍ଷିତ ହୁଏ ।

ଟିପ୍ପଣୀ




**ଚିତ୍ର : ୨୫.୨ ଭାରତ ସଡ଼କ ପଥ**

ଆମ ଦେଶରେ ସଡ଼କପଥକୁ ତିନି ଭାଗରେ ବିଭକ୍ତ କରାଯାଏ । ଯଥା:-

(i) ଜାତୀୟ ରାଜପଥ

(ii) ରାଜ୍ୟ ରାଜପଥ

(iii) ଜିଲ୍ଲା ଓ ଗ୍ରାମ୍ୟ ସଡ଼କ

ଜାତୀୟ ପଥ ଦେଶର ପ୍ରମୁଖ ସହର ଗୁଡ଼ିକୁ ସଂଯୁକ୍ତ କରେ । ଏହାର ନିର୍ମାଣ ଓ ରକ୍ଷଣାବେକ୍ଷଣ କେନ୍ଦ୍ରସରକାରଙ୍କ

ଦାୟିତ୍ୱ । ଜାତୀୟ ରାଜପଥର ମୋଟ୍ ଦୈର୍ଘ୍ୟ ୬୫.500 କି.ମି. । ଦେଶର ମୋଟ୍ ପକ୍କା ସଡ଼କ ଦୈର୍ଘ୍ୟର ମାତ୍ର 2 ପ୍ରତିଶତ ଜାତୀୟ ରାଜପଥ । କିନ୍ତୁ ଏହି ରାଜପଥରେ 40% ଯାତାୟତ କରାଯାଏ ।

ଆମଦେଶରେ ମୋଟ୍ 219 ଟି ଜାତୀୟ ରାଜପଥ ଅଛି । ଉତ୍ତରରେ ବନାରସ୍ ଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ 7ନଂ ରାଜପଥ ଦେଶର ଦୀର୍ଘତମ ରାଜପଥ । ଏହାର ଦୈର୍ଘ୍ୟ 2୬43 କି.ମି ।

ରାଜ୍ୟ ରାଜପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ ରାଜ୍ୟ ସରକାର କରନ୍ତି । କିନ୍ତୁ ଜିଲ୍ଲା ସଡ଼କ ଓ ଗ୍ରାମ୍ୟ ସଡ଼କ ନି ର୍ମାଣ ଓ ମରାମତି ସ୍ଥାନୀୟ ଲୋକସରକାର (Local body) ଉପରେ ନିର୍ଭର କରେ । ଏଥିପାଇଁ ରାଜ୍ୟ ସରକାର ମଧ୍ୟ କିଛି ପରିମାଣରେ ଆର୍ଥିକ ସହାୟତା ପ୍ରଦାନ କରନ୍ତି ।




ଚିତ୍ର : ୨୫.୩ ଭାରତ ଜାତୀୟ ରାଜପଥ

ଆନ୍ତର୍ଜାତୀୟ ସୀମାକୁ ଲାଗି ଆଭ୍ୟନ୍ତରୀଣ ସୀମାବର୍ତ୍ତୀ ଅଞ୍ଚଳରେ ସୀମାନ୍ତ ସଡ଼କ ରହିଛି । ଏହି ସଡ଼କ ସୀମାନ୍ତ ସଡ଼କ ସଂସ୍ଥା (Border Road Organisation) ଦ୍ୱାରା ନିର୍ମିତ ଓ ସଂରକ୍ଷିତ ହୋଇଥାଏ । ଏସବୁ





ସଡ଼କର ଆର୍ଥିକ ତଥା ସାମରିକ ଗୁରୁତ୍ୱ ରହିଛି । ସୀମାନ୍ତ ସଡ଼କ ମଧ୍ୟରେ ହିମାଚଳ ପ୍ରଦେଶର ମନାଲିରୁ ଲାଦାଖର ଲେହ ପର୍ଯ୍ୟନ୍ତ ଯାଇଥିବା ସଡ଼କ ପୃଥିବୀର ଉଚ୍ଚତମ ସଡ଼କ ଅଟେ । ସମୁଦ୍ର ପତ୍ତନ ଠାରୁ ଏହାର ହାରାହାରି ଉଚ୍ଚତା 4270 ମିଟର ।

- ଦେଶର ପ୍ରମୁଖ ସହର ଗୁଡ଼ିକ ଜାତୀୟ ରାଜପଥ ଦ୍ୱାର ସଂଯୁକ୍ତ । ଏହାର ଦୈର୍ଘ୍ୟ 2% ହେଲେ ମଧ୍ୟ 40% ମାଲ ଓ ଯାତ୍ରୀ ପରିବହନ କରାଯାଏ ।
- ରାଜ୍ୟ ରାଜପଥ ରାଜ୍ୟର ରାଜଧାନୀକୁ ଜିଲ୍ଲାର ସଦର ମହକୁମା, ପ୍ରଧାନ ସହର ଓ ଶିଳ୍ପ କେନ୍ଦ୍ର ସହ ସଂଯୁକ୍ତ କରେ । ଜିଲ୍ଲା ସଡ଼କ ଓ ଗ୍ରାମ୍ୟରାସ୍ତା ଜିଲ୍ଲାର ସଦର ମହକୁମା ସହ ସହରକୁ ସଂଯୁକ୍ତ କରେ ।

## ଜାତୀୟ ରାଜପଥ ବିକାଶ ଯୋଜନା

ଦେଶର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାର ଜାତୀୟ ରାଜପଥ ବିକାଶ ଯୋଜନା (NHDP) ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଦୁଇଟି ପର୍ଯ୍ୟାୟ ଶେଷ ହୋଇଛି ଏବଂ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହେବାକୁ ପ୍ରସ୍ତୁତ । ପ୍ରଥମ ଦୁଇ ପର୍ଯ୍ୟାୟର ଲକ୍ଷ୍ୟ ଯଥାକ୍ରମେ :-

(i) **ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା :** ଏହି ଯୋଜନାରେ ଦେଶର ୪ଟି ପ୍ରମୁଖ ସହର ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇକୁ ଚାରିଲେନ୍ ଜାତୀୟ ରାଜପଥ ଦ୍ୱାରା ସଂଯୁକ୍ତ କରାଯାଇଛି । ଏହାର ଦୈର୍ଘ୍ୟ 5846 କି.ମି । ଏହାର ନିର୍ମାଣ ପ୍ରାୟତଃ ଶେଷ ହୋଇଯାଇଛି । 2005 ମସିହା ମାର୍ଚ୍ଚ ଶେଷ ସୁଦ୍ଧା 5846 କି.ମିରୁ 4856 କି.ମି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।

(ii) ଦ୍ୱିତୀୟ ଲକ୍ଷ୍ୟ ହେଉଛି ଦେଶରେ ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ କରିଡ଼ର୍ ନିର୍ମାଣ । ଜାତୀୟ ରାଜପଥ ନିର୍ମାଣ ଦ୍ୱାରା ଶ୍ରୀନଗରକୁ କନ୍ୟାକୁମାରୀ ସହ ସଂଯୁକ୍ତ କରିବା ଏହାର ଅନ୍ତର୍ଗତ । ଏହା ମଧ୍ୟରେ କୋଚିନ୍ ତଥା  ସାଲେମ୍ ସଂଯୁକ୍ତ ହୋଇଛି । ପୂର୍ବରେ ସିଲ୍‌ଚର୍ ଠାରୁ ପଶ୍ଚିମରେ ପୋରବନ୍ଦର ପର୍ଯ୍ୟନ୍ତ ସଡ଼କ ନିର୍ମାର ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହି ସଡ଼କର ଦୈର୍ଘ୍ୟ 7300 କି.ମି. (2005 ମସିହା ମାର୍ଚ୍ଚଶେଷ ସୁଦ୍ଧା 4/6 ଲେନ୍‌ର ସଡ଼କ କେବଳ 707 କି.ମି ନିର୍ମାଣ ସରିଛି । 2007 ମସିହା ଡ଼ିସେମ୍ବର ଶେଷ ସୁଦ୍ଧା ଏହା ସଂପୂର୍ଣ୍ଣ କରିବାର ଯୋଜନା ଥିଲା ।

(iii) 12ଟି ପ୍ରଧାନ ବନ୍ଦରକୁ ସଂଯୁକ୍ତ କରୁଥିବା ଜାତୀୟ ରାଜପଥର 356 କି.ମି ଦୈର୍ଘ୍ୟକୁ ଚାରିଲେନ୍ ବିଶିଷ୍ଟ କରିବା ଥିଲା ତୃତୀୟ ଲକ୍ଷ୍ୟ । ଅନ୍ୟ ଜାତୀୟ ରାଜପଥର ମୋଟ୍ 777 କି.ମି ଦୈର୍ଘ୍ୟକୁ ମଧ୍ୟ ଚାରଲେନ୍‌ରେ ପରିବର୍ତ୍ତନ କରିବାର ଲକ୍ଷ୍ୟ ଥିଲା  ।

ଏହାଛଡ଼ା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଜାତୀୟ ରାଜପଥର ବିକାଶ ପାଇଁ ପାଞ୍ଚପର୍ଯ୍ୟାୟ ଯୋଜନା କରିଛନ୍ତି । ସେଗୁଡ଼ିକ ଯଥାକ୍ରମେ :

(i) ନିର୍ମାଣ-ପରିଚାଳନା-ହସ୍ତାନ୍ତରଣ ଆଧାରରେ 10,000 କି.ମି ଦୈର୍ଘ୍ୟ ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ ରାଜପଥରେ ପରିଣତ କରିବା (Phase -III) ।

(ii) ଜାତୀୟ ରାଜପଥର ଦୁଇଲେନ୍ ବିଶିଷ୍ଟ ସଡ଼କ ଉପରେ 20,000 କି.ମି ଦୈର୍ଘ୍ୟ ପୂରଣ କରିବା (Phase - IV) ।

(iii) 5000 କି.ମି ଦୈର୍ଘ୍ୟ ରାସ୍ତାକୁ ଛଅଲେନ୍ ବିଶିଷ୍ଟ ସଡ଼କରେ ପରିବର୍ତ୍ତନ କରିବା (Phase -V) ।

(iv) 1000 କି.ମି ଦୈର୍ଘ୍ୟ ସଡ଼କୁ ତ୍ୱରିତ ସଡ଼କ ବା ଏକ୍ସପ୍ରେସ୍ ସଡ଼କ ରୂପେ ବିକଶିତ କରିବା (Phase VI) ।

ଟିପ୍ପଣୀ

(v) ଜାତୀୟ ରାଜପଥ ଅବରୋଧକାରୀ ସମସ୍ୟାର ସମାଧାନ ପାଇଁ ରିଂଗ୍‌ରୋଡ଼, ବାଇପାସ୍, ଫ୍ଲାଏ ଓଭର ଆଦି ନିର୍ମାଣ କରିବା ।

(vi) ଏହାଛଡ଼ା ଦେଶର ଉତ୍ତର-ପୂର୍ବାଞ୍ଚଳରେ ଜାତୀୟ ରାଜପଥ ତଥା ଅନ୍ୟ ସଡ଼କର ବିକାଶ ପାଇଁ ମଧ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବିଶେଷ ଦ୍ୱରିତ ସଡ଼କ ବିକାଶ କାର୍ଯ୍ୟକ୍ରମ (Special Accelerated Road Developement Programme in NE)- (SARDP -NE) ଦ୍ୱାରା ଏହା ସଂଚାଳନ କରାଯିବ ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the apporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

ଚିତ୍ର ନଂ 25.4 : ଭାରତ : *ସ୍ୱର୍ଣ୍ଣ ଚତୁର୍ଭୁଜ ଏବଂ ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମ କରିଡ଼ର*



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୨୫.୨

1. 1997 ମସିହାରେ ଦେଶରେ ପକ୍କା-ସଡ଼କର ଦୈର୍ଘ୍ୟ କେତେ ଥିଲା ?

2. 7 ନଂ ଜାତୀୟ ରାଜପଥ କାହାକୁ କାହା ସହିତ ସଂଯୁକ୍ତ କରେ ?

   (i) ____________ (ii) ____________

3. ସଡ଼କ-ଘନତ୍ୱ ଅଧିକ ଥିବା ୨ଟି ରାଜ୍ୟର ନାମ ଲେଖ ।

   (i) ____________ (ii) ____________

4. ପୃଥିବୀର ଉଚ୍ଚତମ ସଡ଼କ ଦ୍ୱାରା ସଂଯୁକ୍ତ ଦୁଇଟି ସ୍ଥାନର ନାମ ଲେଖ ।

   (i) ____________ (ii) ____________

5. କେଉଁ ଅଞ୍ଚଳରେ କଚ୍ଚା ସଡ଼କର ପ୍ରାଧାନ୍ୟ ଅଛି ?

   ____________________________

6. ଉତ୍ତର-ପୂର୍ବାଞ୍ଚଳରେ ସଡ଼କ-ଘନତ୍ୱ ସର୍ବନିମ୍ନ ହେବାର କାରଣ ଲେଖ ।

   ____________________________

7. ସ୍ୱର୍ଣ୍ଣ ଚତୁର୍ଭୁଜର ଦୈର୍ଘ୍ୟ କେତେ ?

   ____________________________

---

## 25.5 ପାଇପ୍-ଲାଇନ୍ ପରିବହନ

ଭାରତରେ ଏବେ ଏବେ ପାଇପ୍ ଲାଇନ୍ ପରିବହନ ବ୍ୟବସ୍ଥା ବିକାଶ ଲାଭ କରିଛି । ଖଣିଜତୈଳ, ପେଟ୍ରୋଲିୟମ୍ ଉତ୍ପାଦ ଓ ପ୍ରାକୃତିକ ବାଷ୍ପ ପରିବହନ ପାଇଁ ଏହା ସବୁଠାରୁ ସୁବିଧା ଜନକ ଅଟେ । ପାଇପ୍ ଲାଇନ୍ ଦ୍ୱାରା ତୈଳ ବିଶୋଧନାଗାର ଏବଂ ପ୍ରମୁଖ ବିପଣନ କେନ୍ଦ୍ର ସଂଯୁକ୍ତ । ଆଜିକାଲି କଠିନ ପଦାର୍ଥକୁ ଅର୍ଦ୍ଧ-ତରଳ ଅବସ୍ଥାକୁ ପରିବର୍ତ୍ତନ କରି ପାଇପ୍ ଲାଇନ୍ ଦ୍ୱାରା ପରିବାହିତ ହେଉଛି ।

ଅନ୍ୟାନ୍ୟ ପରିବହନ ମାଧ୍ୟମ ତୁଳନାରେ ପାଇପ୍ ଲାଇନ୍‌ର ଉପକାରିତା ଅଧିକ କାରଣ :

(i) ଦୁର୍ଗମ ଅଞ୍ଚଳ ତଥା ଜଳଭାଗରେ ପାଇପ୍ ଲାଇନ୍ ବିଛାଇବା ସମ୍ଭବ ।

(ii) ପ୍ରଥମ ପର୍ଯ୍ୟାୟରେ ପାଇପ୍ ଲାଇନ୍ ବିଛାଇବା ବ୍ୟୟ ବହୁଳ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଳ୍ପ ।

(iii) ଏହାଦ୍ୱାରା ପରିବହନ ତ୍ୱରିତ ଏବଂ ସୁନିଶ୍ଚିତ ହୁଏ ତଥା ପରିବାହିତ ପଦାର୍ଥର କ୍ଷତି ହୁଏନାହିଁ ।

(iv) ପାଇପ୍ ଲାଇନ୍ ପରିବହନରେ କମ୍ ଶକ୍ତି ଖର୍ଚ୍ଚ ହୁଏ ।

ଉପକାରିତା ସହ ଏହାର କିଛି ସୀମିତତା ମଧ୍ୟ ଅଛି । ଯଥା :

(i) ଥରେ ପାଇପ୍ ଲାଇନ୍ ବିଛାଇ ସାରିବା ପରେ ଆଉ ତାହାର କ୍ଷମତା ବୃଦ୍ଧି କରାଯାଇପାରେ ନାହିଁ ।

(ii) କେତେକ ଅଞ୍ଚଳରେ ପାଇପ୍ ଲାଇନ୍‌ର ସୁରକ୍ଷା ସୁନିଶ୍ଚିତ କରିବା କଷ୍ଟସାଧ୍ୟ ଏବଂ ଲିକେଜ୍ ହେଲେ ଜାଣିବା ମଧ୍ୟ ଅସମ୍ଭବ ।



ଟିପ୍ପଣୀ

ଆସାମର ତୈଳଖଣି ଅଞ୍ଚଳକୁ ଆସାମ ଓ ବିହାରରେ ଥିବା ତୈଳ ବିଶୋଧନାଗାର ସହ ପାଇପ୍ ଲାଇନ୍ ଦ୍ୱାରା ସଂଯୁକ୍ତ କରାଯାଇଛି । ଗୁଜୁରାଟର କାଣ୍ଡଲାଠାରୁ ମଥୁରାରେ ଥିବା ତୈଳ-ବିଶୋଧନାଗାର ପର୍ଯ୍ୟନ୍ତ ଥିବା ପାଇପ୍ ଲାଇନ୍‌ର ଦୈର୍ଘ୍ୟ 1220 କି.ମି । ଏହା ଭାରତର ଦୀର୍ଘତମ ତୈଳ ପାଇପ୍ ଲାଇନ୍ ଅଟେ । ଗୁଜୁରାଟର ହାଜିରା ଠାରୁ ମଧ୍ୟପ୍ରଦେଶର ବିଜୟପୁର ଦେଇ ଉତ୍ତର ପ୍ରଦେଶର ଜଗଦୀଶପୁର ପର୍ଯ୍ୟନ୍ତ ବିସ୍ତୃତ 1730 କି.ମି ଦୈର୍ଘ୍ୟ ବିଶିଷ୍ଟ ପାଇପ୍ ଲାଇନ୍ ଭାରତର ଦୀର୍ଘତମ ଗ୍ୟାସ୍ ପାଇପ୍ ଲାଇନ୍ । ଏହା ସାହାଯ୍ୟରେ ଛଅଟି ସାର କାରଖାନା ଏବଂ ଦୁଇଟି ଶକ୍ତିକେନ୍ଦ୍ରକୁ ପ୍ରାକୃତିକ ବାଷ୍ପ ଯୋଗାଇ ଦିଆଯାଏ । ପାଇପ୍ ଲାଇନ୍ ପରିବହନ ଦ୍ୱାରା ରେଳ ପରିବହନର ଚାପ ହ୍ରାସ ପାଇଛି । ପାଇପ୍ ଲାଇନ୍ ପରିବହନର ଉପକାରିତାକୁ ଦେଖି ଦେଶରେ ଅଧିକରୁ ଅଧିକ ପାଇପ୍ ଲାଇନ୍ ବିଛାଇବାର ବନ୍ଦୋବସ୍ତ କରାଯାଉଛି । ପାଇପ୍ ଲାଇନ୍ ପରିବହନର ସୁବିଧା ହେତୁ ଦୁର୍ଗମ ଅଞ୍ଚଳରେ ମଧ୍ୟ ଗ୍ୟାସ ଆଧାରିତ ତାପଜ ବିଦ୍ୟୁତ୍‌କେନ୍ଦ୍ର ପ୍ରତିଷ୍ଠ କରାଯାଉଛି ।

- ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନର ନିରନ୍ତର ତଥା ସୁବିଧା ମାଧ୍ୟମ ହେଉଛି ପାଇପ୍ ଲାଇନ୍ ପରିବହନ ।

## 25.6 ଜଳ ପରିବହନ

ଭାରତୀୟ ମୂଳଖଣ୍ଡ ଓ ଦ୍ୱୀପପୁଞ୍ଜକୁ ମିଶାଇ ଭାରତର ସମୁଦ୍ର-ତଟରେଖାର ଦୈର୍ଘ୍ୟ 6100 କି.ମିରୁ ଅଧିକ । ଏହି ଦୀର୍ଘ ତଟରେଖାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ 12ଟି ମୁଖ୍ୟ ବନ୍ଦର ରହିଛି । ଏହାଛଡ଼ା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ 186 ଟି କ୍ଷୁଦ୍ର ବନ୍ଦର ଅଛି । ଉପରୋକ୍ତ 12 ଟି ମୁଖ୍ୟ ବନ୍ଦର ଦେଇ ସାମୁଦ୍ରିକ ବହିର୍ବାଣିଜ୍ୟର ୨୦% କାରବାର କରାଯାଏ । ଏହି ବନ୍ଦର ଦେଇ ୩୮୪୦ ଟନ୍ ପଦାର୍ଥର ସାମୁଦ୍ରିକ ଆମଦାନୀ-ରପ୍ତାନୀ କରାଯାଏ ।
ପ୍ରଧାନ ବନ୍ଦର ମଧ୍ୟରୁ କାଣ୍ଡଲା, ମୁମ୍ବାଇ, ଜବାହାରଲାଲ୍ ନେହେରୁ ବନ୍ଦର (ନାଭାସେଭା), ମର୍ମାଗୋଆ, ନ୍ୟୁମାଙ୍ଗାଲୋର୍ ଓ କୋଚି ପଶ୍ଚିମ ଉପକୂଳ (ଆରବସାଗର)ରେ ଏବଂ ଟୁଟିକୋରିନ୍, ଚେନ୍ନାଇ, ଏନୋର୍ ବିଶାଖାପାଟଣା, ପାରାଦୀପ, କୋଲକାତା-ହଳଦିଆ ପୂର୍ବ ଉପକୂଳରେ ଅବସ୍ଥିତ । ତେଣୁ ଉଭୟ ପୂର୍ବ ଓ ପଶ୍ଚିମ ଉପକୂଳସ୍ଥ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ବନ୍ଦର ଅଛି । ନାଭି ମୁମ୍ବାଇରେ ଅବସ୍ଥିତ ଜବାହାରଲାଲ୍ ନେହେରୁ ବନ୍ଦର ଭାରତର ବୃହତ୍ ଅତ୍ୟାଧୁନିକ ବନ୍ଦର ।

- ଜଳ ପରିବହନ ଅପେକ୍ଷାକୃତ ଶସ୍ତା ଏବଂ ବହିର୍ବାଣିଜ୍ୟରେ ସହାୟକ ।
- ତଟରେଖାରେ ଅବସ୍ଥିତ ୧୨ଟି ପ୍ରମୁଖ ବନ୍ଦର ଦେଇ ଭାରତର ୯୦% ସାମୁଦ୍ରିକ ଆମଦାନୀ-ରପ୍ତାନୀ କରାଯାଏ ।

### ଆଭ୍ୟନ୍ତରୀଣ ଜଳପଥ

ଆମ ଦେଶରେ ଆଭ୍ୟନ୍ତରୀଣ ଜଳପଥର ଅବସ୍ଥା ଅତି ଦୁର୍ବଳ । ସୁନାବ୍ୟା ଜଳପଥର ମୋଟ୍ ଦୈର୍ଘ୍ୟ 14,500 କି.ମି ହୋଇଥିଲେ ହେଁ 2700 କି.ମି ଜଳପଥରେ ଯନ୍ତ୍ରଚାଳିତ ବୋଟ୍ ଓ ଷ୍ଟିମ୍‌ର ଯାତାୟତ କରିଥାଏ ।

### ପ୍ରମୁଖ ଆଭ୍ୟନ୍ତରୀଣ ଜଳପଥ

(i) ଆଲାହାବାଦ୍ ଠାରୁ ହଳଦିଆ ମଧ୍ୟରେ ଗଙ୍ଗାନଦୀର ଜଳପଥର ଦୈର୍ଘ୍ୟ 1620 କି.ମି । ଏଥିରେ ହଳଦିଆ ଠାରୁ ପାଟନା ପର୍ଯ୍ୟନ୍ତ ଷ୍ଟିମର ଚଳାଚଳ କରିପାରେ । ଏହି ଜଳପଥକୁ 'ଜାତୀୟ ଜଳପଥ-1' ଘୋଷିତ କରାଯାଇଛି ।




Based upon Survey of India outline map printed in 1975.
The territorial waters of India extend into the sea to a distance of twelve nautical miles measured from the appropriate base line.
The boundary of Meghalaya shown on this map is as interpreted from the North-Eastern Areas (Reorganisation) Act. 1971, but has yet to be verified.

© Government of India copyright, 1979

***ଚିତ୍ର : ୨୫.୫ ଭାରତ ବନ୍ଦର ଏବଂ ଜଳପଥ***

(ii) ବ୍ରହ୍ମପୁତ୍ର ନଦୀର ଦିବ୍ରୁଗଡ଼ ପର୍ଯ୍ୟନ୍ତ 1384 କି.ମି ଜଳପଥ ସୁନାବ୍ୟା ଅଟେ । ଏହି ଜଳପଥକୁ ମାତ୍ର ୪91 କି.ମି ଭାରତରେ ଏବଂ ବାକି ବାଲାଂଦେଶରେ ଅବସ୍ଥିତ ।

(iii) ପଶ୍ଚିମ ଉପକୂଳ କେନାଲର କୋଲାମ୍ ଏବଂ କୋଟାପୁରମ୍ ଦେଇ ଚମ୍ପାକାର୍ ଓ ଉଦଗମଣ୍ଡଳମ୍ କେନାଲ୍ (କେରଳ)ର ମୋଟ୍ ଦୈର୍ଘ୍ୟ 205 କି.ମି ଅଟେ ଏବଂ ଜଳପଥ ରୂପେ ବ୍ୟବହୃତ ହୁଏ ।

(iv) ଦକ୍ଷିଣ ଭାରତରେ ଗୋଦାବରୀ, କୃଷ୍ଣା ଓ ମହାନଦୀର ନିମ୍ନାଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ରୂପେ ବ୍ୟବହୃତ ହୁଏ । ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ବକିଂହାମ୍ କେନାଲ୍ ମଧ୍ୟ ଏକ ଆଭ୍ୟନ୍ତରୀଣ ଜଳପଥ । ଆଜିକାଲି ଏହାକୁ କ୍ୱଚିତ୍ ବ୍ୟବହାର କରାଯାଏ ।



ଟିପ୍ପଣୀ

ଆମ ଦେଶରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକ ଯଥାକ୍ରମେ :

(i) ନଦୀଜଳକୁ ଜଳସେଚନ ପାଇଁ ବ୍ୟବହାର,

(ii) ନଦୀଶଯ୍ୟାରେ କ୍ରମାଗତ ଭାବେ ପରିବାହିତ ସାମଗ୍ରୀ ଜମାହେବା ଫଳରେ ନଦୀଶଯ୍ୟା ଅଗଭୀର ହେବାରୁ ଜଳର ଗଭୀରତା କମ୍ ହୁଏ,

(iii) ଋତୁ ଅନୁସାରେ ନଦୀ ଜଳ ପରିମାଣର ହ୍ରାସ-ବୃଦ୍ଧି,

(iv) ନଦୀପଥରେ ବନ୍ଧ, କ୍ଷୁଦ୍ର ଓ ବୃହତ୍ ଜଳପ୍ରପାତର ଅବସ୍ଥିତି,

(v) ରେଳ ପରିବହନ ଓ ସଡ଼କ ପରିବହନର କ୍ରମବିକାଶ ।

## ପାଠଗତ ପ୍ରଶ୍ନାବଳୀ ୨୫.୩

**ସଂକ୍ଷିପ୍ତ ଉତ୍ତର ଲେଖ ।**

1. ପାଇପ୍ ଲାଇନ୍ ଦ୍ୱାରା ପରିବାହିତ 2 ଟି ମୁଖ୍ୟ ଦ୍ରବ୍ୟର ନାମ ଲେଖ ।

   (i) ______________________ (ii) ______________________

2. କେଉଁ ଗ୍ୟାସ ପାଇପ୍ ଲାଇନ୍ ଭାରତର ଦୀର୍ଘତମ ଅଟେ ?

   ________________________________________________

3. ଆମ ଦେଶର କେଉଁ ବନ୍ଦର ଦେଇ ସର୍ବାଧିକ ସାମୁଦ୍ରିକ ବ୍ୟାପାର କରାଯାଏ ?

   ________________________________________________

4. ଭାରତର 2 ଟି ସୁନାବ୍ୟା ନଦୀର ନାମ ଲେଖ ।

   (i) ______________________ (ii) ______________________

## 25.7 ଆକାଶ ପରିବହନ

ଅନ୍ୟ ପରିବହନ ତୁଳନାରେ ବ୍ୟୟବହୁଳ ହେଲେ ମଧ୍ୟ ଆକାଶ ପରିବହନ ଦ୍ରୁତତମ ଏବଂ ଅଧିକ ସୁବିଧା ଜନକ ଅଟେ । ଦିଲ୍ଲୀରୁ ବାଙ୍ଗାଲୋର୍ ଯାତ୍ରା ରେଳପଥରେ 4.2 ଘଣ୍ଟା ଲାଗୁଥିବା ସମୟରେ ଉଡ଼ାଜାହାଜରେ ମାତ୍ର 2.5 ଘଣ୍ଟା ସମୟ ଲାଗେ ।

ସଡ଼କପଥ ନିର୍ମାଣ ଅସମ୍ଭବ ହେଉଥିବା ଦୁର୍ଗମ ଅଂଚଳରେ ଆକାଶ ପରିବହନ ଅତ୍ୟନ୍ତ ଆବଶ୍ୟକ ।

ଭାରତ ଏକ ବ୍ୟସ୍ତବହୁଳ ଆନ୍ତର୍ଜାତୀୟ ଆକାଶପଥରେ ଅବସ୍ଥିତ, ଯାହା ଗୋଟିଏ ପଟେ ଉତ୍ତର ଆମେରିକା, ୟୁରୋପ ଓ ଦକ୍ଷିଣ-ପଶ୍ଚିମ ଏସିଆ ଓ ଅନ୍ୟ ପଟେ ପୂର୍ବ ଓ ଦକ୍ଷିଣ ପୂର୍ବ ଏସିଆ ସହ ଅଷ୍ଟ୍ରେଲିଆକୁ ସଂଯୁକ୍ତ କରେ ।

ଆମଦେଶରେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଦ୍ୱାରା ବିମାନ ଚଳାଚଳ କରେ । ସରକାରୀ ସ୍ତରରେ ଏୟାର୍ ଇଣ୍ଡିଆ, ଇଣ୍ଡିଆନ୍ ଏୟାର୍‌ଲାଇନ୍‌ସ୍, ଏୟାର୍ ଇଣ୍ଡିଆ ଚାର୍ଟର୍‌ସ୍ ଲିଃ (ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍) ଏବଂ ଏଲାଏନ୍ସ ଏୟାର୍ ନିଗମ ଦ୍ୱାରା ବିମାନ ଚଳାଚଳ ସମ୍ପାଦିତ ହୁଏ । ବେସରକାରୀ ଭାବେ Jet Airways, Sahara Airlines, Deccan Aviation, Spice Jet, Go Airways,

Kingfisher Airlines, Paramount Airways ଏବଂ Indigo ଆଦି 7ଟି ନିଗମ ଦ୍ୱାରା ଆକାଶ ପଥରେ ଯାତ୍ରୀ ପରିବହନ କରାଯାଏ । କିନ୍ତୁ Blue Dart Aviation କେବଳ ମାଲ୍ ପରିବହନ କରେ ।

**ଏୟାର୍ ଇଣ୍ଡିଆ :** ଏହା ଆନ୍ତର୍ଜାତୀୟ ବିମାନ ଚଳାଚଳର ଦାୟିତ୍ୱ ବହନ କରେ । ଏହା ବିଦେଶୀ ଯାତ୍ରୀ ତଥା ଜିନିଷ ପତ୍ର ପରିବହନ ଦାୟିତ୍ୱ ସଂଚାଳନ କରେ । ଏୟାର୍ ଇଣ୍ଡିଆ ନିୟମିତ ତଥା ଆମେରିକା, କାନାଡ଼ା ଓ ୟୁରୋପୀୟ ଦେଶ ସମୂହ ପାଇଁ ଅଧିକରୁ ଅଧିକ ଫ୍ଲାଇଟ୍ ସଂଚାଳିତ କରେ । ଆନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ତିରୁଅନନ୍ତପୁରମ୍, ବେଙ୍ଗାଲୁରୁ, ହାଇଦ୍ରାବାଦ୍, ଗୌହାଟୀ, ଅମ୍ରିତସର, ଜୟପୁର ଏବଂ ଲକ୍ଷ୍ନୌଠାରେ ୧୧ଟି ଆନ୍ତର୍ଜାତୀୟ ବିମାନ ବନ୍ଦର ରହିଛି ।




Based upon Survey of India outline map printed in 1979.

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act. 1971, but has yet to be verified.

© Government of India copyright, 1979.

*ଚିତ୍ର : ୨୫.୬ ଭାରତ ବିମାନ ବନ୍ଦର ଏବଂ ବିମାନ ପଥ*



ଟିପ୍ପଣୀ

**ଇଣ୍ଡିଆନ୍ ଏୟାରଲାଇନ୍ସ୍ :**

ଇଣ୍ଡିଆନ୍ ଏୟାର୍‌ଲାଇନ୍‌ସ ଦେଶର ଆଭ୍ୟନ୍ତରୀଣ ବିମାନ ଚଳାଚଳ ଦାୟିତ୍ୱ ବହନ କରେ । ଦେଶର ମୁଖ୍ୟ ସହର ଓ ରାଜ୍ୟ ରାଜଧାନୀ ଗୁଡ଼ିକ ମଧ୍ୟରେ ନିୟମିତ ବିମାନ ଚଳାଚଳ କରେ । ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ମଧ୍ୟ ଏହି ସେବା ଉପଲବ୍ଧ । ଏହି ନିଗମ ଦ୍ୱାରା ୫୫ଟି ଘରୋଇ ଓ ୧୮ଟି ଆନ୍ତର୍ଜାତୀୟ ସ୍ଥଳର ପରିଚାଳନା କରାଯାଏ । ଏହାଛଡ଼ା ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ପାକିସ୍ଥାନ, ମାଲେସିଆ, ସିଙ୍ଗାପୁର, ମାଲେ ଏବଂ ମଧ୍ୟ ପ୍ରାଚ୍ୟ ପରି ପଡ଼ୋଶୀ ଦେଶଗୁଡ଼ିକ ସହ ବିମାନ ଚଳାଚଳ ଦାୟିତ୍ୱ ଇଣ୍ଡିଆନ୍ ଏୟାରଲାଇନ୍ସ୍ ବହନ କରେ ।

ଦେଶର ଉତ୍ତର-ପୂର୍ବାଞ୍ଚଳରେ ଆକାଶ ପରିବହନ ଅତ୍ୟନ୍ତ ଆବଶ୍ୟକ । କାରଣ ବନ୍ୟାପ୍ରବଣ ନଦୀ, ଘଞ୍ଚ ଜଙ୍ଗଲ ତଥା ହିମାଳୟ ପାର୍ବତ୍ୟାଞ୍ଚଳ ଭଳି ପ୍ରତିକୂଳ ପରିବେଶ ସମ୍ପନ୍ନ ଏହି ଅଞ୍ଚଳରେ ସଡ଼କ ପଥ ବା ରେଳପଥ ନିର୍ମାଣ ସମ୍ଭବ ନୁହେଁ । ତତ୍‌ସହିତ ସାମାଜିକ ଓ ଆର୍ଥିକ ସ୍ତରରେ ଏହି ଅଞ୍ଚଳ ଦେଶର ଅନ୍ୟଭାଗ ଭଳି ନିକଟତର ହେବା ଆବଶ୍ୟକ ।

- ◆ ଆକାଶ ପରିବହନ ମହଙ୍ଗା ହେଲେ ମଧ୍ୟ ଦ୍ରୁତ ପରିବହନ ଅଟେ । ଏହା ଫଳରେ ପୃଥିବୀର ବିଭିନ୍ନ ଦେଶର ଅଧିବାସୀମାନଙ୍କ ମଧ୍ୟରେ ଦୂରତ୍ୱ ହ୍ରାସ ପାଇଛି ।
- ◆ ଦେଶରେ ଏୟାର୍ ଇଣ୍ଡିଆ ଓ ଇଣ୍ଡିଆନ୍ ଏୟାର୍ ଲାଇନ୍ସ୍ ନାମରେ ଦୁଇଟି ନିଗମ କାର୍ଯ୍ୟ କରୁଛି ଏବଂ ସାତଗୋଟି ବେସରକାରୀ ବିମାନ ଚଳାଚଳ ସଂସ୍ଥା କାର୍ଯ୍ୟକରୁଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୫.୪

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

1. ଭାରତରେ ଆନ୍ତର୍ଜାତୀୟ ବିମାନ ସେବା ଯୋଗାଉଥିବା ନିଗମର ନାମ ଲେଖ ।

   ______________________________

2. ଦେଶର ଆଭ୍ୟନ୍ତରୀଣ ବିମାନ ଚଳାଚଳ ଦାୟିତ୍ୱ ବହନ କରିଥିବା ସରକାରୀ ନିଗମର ନାମ ଲେଖ ।

   ______________________________

3. ଭାରତର କେଉଁ ଅଞ୍ଚଳରେ ଆକାଶ ପରିବହନ ଅତ୍ୟାବଶ୍ୟକ ?

   ______________________________

4. ଭାରତର ୫ଟି ଆନ୍ତର୍ଜାତୀୟ ବିମାନ ବନ୍ଦରର ନାମ ଲେଖ ।

   (i) __________ (ii) __________ (iii) __________

   (iv) __________ (v) __________

5. କେଉଁ ଦୁଇଟି କ୍ଷେତ୍ରରେ ଆକାଶ ପରିବହନ ଅନ୍ୟ ପରିବହନ ମାଧ୍ୟମ ଠାରୁ ଭିନ୍ନ ?

   i) ______________________ (ii) ______________________



ଟିପ୍ପଣୀ

6. ଦୁଇଟି ବେସରକାରୀ ବିମାନ ଚଳାଚଳ ସଂସ୍ଥାର ନାମ ଲେଖ ।

i) ____________________ (ii) ____________________

---

## 25.8 ଯୋଗାଯୋଗ

ଆର୍ଥିକ ବିକାଶ, ସାମାଜିକ ସମ୍ପର୍କ ବୃଦ୍ଧି ତଥା ସାଂସ୍କୃତିକ ଏକତା ରକ୍ଷାକରିବା କ୍ଷେତ୍ରରେ ଯୋଗାଯୋଗ ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆନ୍ତର୍ଜାତୀୟ କ୍ଷେତ୍ରରେ ପରସ୍ପର ବିରୋଧି ଲୋକମାନଙ୍କ ମଧ୍ୟରେ ସ୍ନେହ ସମ୍ପର୍କ ବୃଦ୍ଧି କରିବାରେ ମଧ୍ୟ ଏହା ସହାୟକ ହୁଏ ।

ପୃଥିବୀର ଯେକୌଣସି ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ଦୁର୍ଘଟଣା ବା କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟିହେଲେ ଯୋଗାଯୋଗ ମାଧ୍ୟମ ଦ୍ୱାରା ସାରା ବିଶ୍ୱରେ ଖବରଟା ବ୍ୟାପିଯାଏ । ଫଳତଃ ବିପଦଗ୍ରସ୍ତ ଅଂଚଳକୁ ଖୁବ୍ ଶୀଘ୍ର ରିଲିଫ୍ ପହଞ୍ଚିପାରୁଛି ।

### ଡାକସେବା :

ଡାକସେବା ଭାରତର ବହୁଳ ବ୍ୟବହୃତ ଯୋଗାଯୋଗ ମାଧ୍ୟମ । ଗ୍ରାମାଞ୍ଚଳରେ ଡାକସେବାର ଗୁରୁତ୍ୱ ଅଧିକ । ଆଜି ମଧ୍ୟ ପ୍ରାୟ ୨୨% ଗାଁର ଅଧିବାସୀମାନେ ଡାକସେବା ଦ୍ୱାରା ଉପକୃତ ହେଉଛନ୍ତି । ବର୍ତ୍ତମାନ ଦେଶରେ 1.55ଲକ୍ଷ ପୋଷ୍ଟ ଅଫିସ୍ ଅଛି । ବିଶ୍ୱରେ ଆଧୁନିକୀକରଣ ସହ ତାଳଦେଇ ଭାରତୀୟ ଡାକସେବାରେ ମଧ୍ୟ ସଂସ୍କାର କରାଯାଇଛି ।

ଡାକସେବାରେ ନିମ୍ନଲିଖିତ କ୍ଷେତ୍ରରେ ସଂସ୍କାର ଅଣାଯାଇଛି । ଯଥା :-

(i) ପିନ୍ କୋଡ଼ (Postal Index Number) ପ୍ରଚଳନ

(ii) ସ୍ପିଡ୍ ପୋଷ୍ଟ ପ୍ରଚଳନ ଏବଂ

(iii) Quick Mail Service (QMS) ପ୍ରଚଳନ

ଏହାଛଡ଼ା 1994 ମସିହାରେ ଉପଗ୍ରହ ମାଧ୍ୟମରେ ମନିଅର୍ଡ଼ର ବ୍ୟବସ୍ଥା ପ୍ରଚଳନ କରାଗଲା । ଦେଶର ଛଅଟି ପ୍ରମୁଖ ସହରରୁ ପାହାଡ଼ିଆ ଦୁର୍ଗମ ଅଞ୍ଚଳ ପାଇଁ ଏହି ସେବା କାର୍ଯ୍ୟକାରୀ କରାଯାଇଛି । ଆକାଶ ପଥ ଓ ସମୁଦ୍ର ପଥରେ ଆନ୍ତର୍ଜାତୀୟ ଡାକସେବା ପ୍ରଚଳନ ଦ୍ୱାରା ବୈଦେଶିକ ରାଷ୍ଟ୍ର ସମୂହ ସହି ସମ୍ପର୍କ ରକ୍ଷା କରାଯାଉଛି ।

### ଦୂରସଂଚାର :

ବ୍ୟକ୍ତିଗତ ତଥା ସାମୂହିକ ସ୍ତରରେ ଯୋଗାଯୋଗର ଏହା ଅତ୍ୟାଧୁନିକ ବ୍ୟବସ୍ଥା । ଟେଲିଫୋନ୍, ଫାକ୍ସ ଓ ଟେଲେକ୍ସ ଦୂର ସଂଚାରର ମୁଖ୍ୟ ମାଧ୍ୟମ । 2004-05 ଶେଷ ସୁଦ୍ଧା ଟେଲିଫୋନ୍ର ସଂଖ୍ୟା ହିସାବରେ ଭାରତ ପୃଥିବୀରେ 10ମ ସ୍ଥାନ ଅଧିକାର କରିଛି ।

### ଟେଲିଫୋନ୍ :

ଟେଲିଫାନ୍ ସେବାରେ ଦ୍ରୁତଗତି ଉନ୍ନତି ସାଧିତ ହେବାରେ ଲାଗିଛି । 2006 ମସିହା ମାର୍ଚ୍ଚ ଶେଷ ସୁଧା 142.09 ମିଲିୟନ୍ ଟେଲିଫୋନ୍ ସଂଯୋଗ ଏବଂ 2.34 (ଫେବୃୟାରୀ, 2006) ମିଲିୟନ୍ ପବ୍ଲିକ୍ କଲ୍ ଅଫିସ୍ ଥିଲା । ତତ୍ ସହିତ ଦେଶରେ ୬୨.90 ମିଲିୟନ୍ ମୋବାଇଲ୍ ଫୋନ୍ ଉପଭୋକ୍ତା ଅଛନ୍ତି ଏବଂ ମାସକୁ ଦୁଇ ମିଲିୟନ୍ ହାରେ ମୋବାଇଲ୍ ଉପଭୋକ୍ତା ବୃଦ୍ଧିପାଇବାରେ ଲାଗିଛନ୍ତି । ଛୋଟ ତଥା ବଡ଼ ସହରରେ STD (Subscriber Trunk



ଟିପ୍ପଣୀ

Dialing) ସୁଯୋଗ ପ୍ରଦାନ କରାଯାଇଛି । ପୃଥିବୀର ସବୁଦେଶ ପାଇଁ ISD (International Subscriber Dialing) ସୁବିଧା ଉପଲବ୍ଧ ହୋଇଛି ।

**ଟେଲେକ୍ସ :**

ଏହି ସେବାରେ ଯେକୌଣସି ବାର୍ତ୍ତାକୁ ଛପାଯାଇ ପ୍ରେରଣ କରାଯାଏ । ଦେଶର 200 ରୁ ଅଧିକ ସହରରେ ଏହିସବୁ ସେବା ଉପଲବ୍ଧ । ଉପଗ୍ରହ ସେବା ଦ୍ୱାରା ଦୂର ସଂଚାର କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି ।

**ଗଣଯୋଗାଯୋଗ :**

ରେଡ଼ିଓ ଓ ଟେଲିଭିଜିନ୍ ଇଲେକ୍‌ଟ୍ରୋନିକ୍ ଗଣ ଯୋଗାଯୋଗ ମାଧ୍ୟମ, ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**ରେଡ଼ିଓ :**

ରେଡ଼ିଓ ଦ୍ୱାରା ବିଭିନ୍ନ ପ୍ରକାର ସୂଚନା, ସମାଚାର ଏବଂ ମନୋରଂଜନ କାର୍ଯ୍ୟକ୍ରମ ପ୍ରସାରିତ ହୁଏ । ଦେଶର ପ୍ରାୟ 223 ରେଡ଼ିଓ ପ୍ରସାରଣ କେନ୍ଦ୍ର କାର୍ଯ୍ୟ କରୁଛି ଏବଂ ଏହାଦ୍ୱାରା 91.42% ଅଞ୍ଚଳର 99.13% ଲୋକ ଉପକୃତ ହେଉଛନ୍ତି । ରେଡ଼ିଓ ପ୍ରସାରଣ କ୍ଷେତ୍ରରେ FM Radio ଏକ ନୂତନ ପଦକ୍ଷେପ ।

**ଟେଲିଭିଜନ :** ଭାରତରେ 1959 ମସିହା ଟେଲିଭିଜନ ସେବା ପ୍ରଚଳିତ ହେଲା କିନ୍ତୁ ପ୍ରକୃତରେ 1980 ମସିହାରେ ଟେଲିଭିଜନ ସେବାର ବିକାଶ ହେଲା । 64 ଦୂରଦର୍ଶନ କେନ୍ଦ୍ର (ଷ୍ଟୁଡ଼ିଓ ସେଣ୍ଟର), 1400 ଟ୍ରାନ୍‌ସମିଟର (1134 ଟି DDI ପାଇଁ, 153 ଟି DD News ପାଇଁ, 109 ଟି ଆଞ୍ଚଳିକ ସେବାପାଇଁ ଏବଂ ଦିଲ୍ଲୀ, ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ଗୋଟିଏ ଲେଖାଏଁ ଡ଼ିଜିଟାଲ୍) କୁ ନେଇ ଦୂରଦର୍ଶନ ନେଟ୍‌ୱାର୍କ ଗଠିତ । DDI ସେବାଦ୍ୱାରା ଦେଶର 79% ଅଞ୍ଚଳର 91% ଲୋକ ଉପକୃତ ହେଉଛନ୍ତି ।

**ସିନେମା :** ସିନେମା ଏକ ଲୋକପ୍ରିୟ ଗଣ ଯୋଗାଯୋଗ । ପ୍ରତ୍ୟେକ ଦିନ ଏହା ଲକ୍ଷ ଲକ୍ଷ ଲୋକଙ୍କର ମନୋରଂଜନ କରେ ।

**ସମାଚାର ପ୍ରକାଶନ ବା ପ୍ରିଣ୍ଟ୍ ମିଡ଼ିଆ :**

ସମ୍ବାଦପତ୍ର, ସାପ୍ତାହିକୀ ପତ୍ରିକା, ପାକ୍ଷିକ ପତ୍ରିକା, ଜର୍ଣ୍ଣାଲ ଇତ୍ୟାଦି ଏହାର ଅନ୍ତର୍ଗତ । ସ୍ୱାଧୀନୋତ୍ତର ଭାରତରେ ପ୍ରିଣ୍ଟ ମିଡ଼ିଆର ବ୍ୟାପକ ବିକାଶ ହୋଇଛି । ୨୦୦୬ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ମୋଟ୍ 62,550 ଦୈନିକ ସମ୍ବାଦପତ୍ର, ପାକ୍ଷିକ ତଥା ଜର୍ଣ୍ଣାଲ ଆଦି ବିଭିନ୍ନ ଭାଷାରେ ପ୍ରକାଶିତ ହେଉଥିଲା । ...... 6800 ଦୈନିକ, 369 ତ୍ରି/ଦ୍ୱି ସାପ୍ତାହିକ, 21,453 ସାପ୍ତାହିକ, 8227 ପାକ୍ଷିକ, 18,545 ମାସିକ, 4,340 ତ୍ରୟୋମାସିକ, 584 ବାର୍ଷିକ ଏବଂ 2232 ଅନ୍ୟାନ୍ୟ ପତ୍ରିକା ପ୍ରକାଶ ପାଏ । ଆମ ଦେଶରେ ହିନ୍ଦୀରେ ସର୍ବାଧିକ ( 24,017) ଓ ଇଂରାଜୀରେ ଦ୍ୱିତୀୟ ସର୍ବାଧିକ ( 8,768) ସମ୍ବାଦପତ୍ର ପ୍ରକାଶିତ ହୁଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୫.୫

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

1. ପ୍ରଦତ୍ତ ସଂକ୍ଷିପ୍ତ ଶବ୍ଦର ପୂର୍ଣ୍ଣରୂପ ଲେଖ ।

   (i) PIN (ii) QMS (iii) STD (iv) PCO (v) ISD

   (i) ________ (ii) ________ (iii) ________ (iv) ________ (v) ________

2. ଗଣଯୋଗାଯୋଗର ୩ଟି ମାଧ୍ୟମର ନାମ ଲେଖ ।

(i) ________________ (ii) ________________ (iii) ________________

3. 'ସମାଚାର ପ୍ରକାଶନ' ବା 'ପ୍ରିଣ୍ଟ୍ ମିଡ଼ିଆ' କହିଲେ କ'ଣ ବୁଝ ?

________________________________________________

## 25.9 ବାଣିଜ୍ୟ

ଦ୍ରବ୍ୟର କିଣା ବିକା କାର୍ଯ୍ୟକୁ ବାଣିଜ୍ୟ କୁହାଯାଏ । ପରିବହନ, ଯୋଗାଯୋଗ ଏବଂ ବ୍ୟାଙ୍କ ପରି ଏହା ମଧ୍ୟ ତୃତୀୟ ସ୍ତରୀୟ ବୃତ୍ତି । ଦେଶର ଆର୍ଥିକ ବିକାଶରେ ଏହାକୁ ଆଧାରିକ ସଂରଚନା ବୋଲି ଧରାଯାଏ । ବାଣିଜ୍ୟ ବିଭିନ୍ନ ସ୍ତରରେ କରାଯାଏ । ଯଥା- ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ।

ବାଣିଜ୍ୟର ବିକାଶ ବିକଶିତ ବିପଣନ ବ୍ୟବସ୍ଥା ଓ ଅତ୍ୟାଧୁନିକ ଯୋଗାଯୋଗ ପଦ୍ଧତି ଉପରେ ନିର୍ଭର କରେ ।

### ଆନ୍ତର୍ଜାତୀୟ ବାଣିଜ୍ୟ

ଦେଶର ଭୌଗୋଳିକ ସୀମାରେଖା ଅତିକ୍ରମ କରି ଆନ୍ତର୍ଜାତୀୟ ସ୍ତରରେ ବହିର୍ଦେଶ ସହ ବାଣିଜ୍ୟକୁ ଆନ୍ତର୍ଜାତୀୟ ବାଣିଜ୍ୟ କୁହାଯାଏ । ଦେଶମାନଙ୍କର ସମ୍ପୃକ୍ତି ଉପରେ ନିର୍ଭର କରି ଏହା ଦ୍ୱିପାକ୍ଷିକ ବା ବହୁପାକ୍ଷିକ ହୋଇପାରେ । ସ୍ୱାଧିନତା ପ୍ରାପ୍ତି ଠାରୁ ଭାରତର ଆନ୍ତର୍ଜାତୀୟ ବାଣିଜ୍ୟ ବୃଦ୍ଧି ପାଇଛି । 1950-51 ମସିହାରେ 1,214 କୋଟି ଟଙ୍କାର ଆନ୍ତର୍ଜାତୀୟ ବାଣିଜ୍ୟ ହୋଇଥିଲା । 2004-05 ମସିହାରେ ଏହି ପରିମାଣ 8,37,133 କୋଟି ଟଙ୍କାରେ ପହଞ୍ଚିଥିଲା । ପୃଥିବୀର ପ୍ରଧାନ ଦେଶଗୁଡ଼ିକ ସହ ଭାରତର ବାଣିଜ୍ୟ ସମ୍ପର୍କ ରହିଛି । ତଥାପି ଆମେରିକା, ଋଷ୍, ପଶ୍ଚିମ ୟୁରୋପୀୟ ରାଷ୍ଟ୍ରସମୂହ, ଜାପାନ ଏବଂ ଓସ୍‌ନିଆ ଆଦି ଦେଶ ସହ ଭାରତର ବାଣିଜ୍ୟିକ ସମ୍ପର୍କ ଅଛି ।

### ରପ୍ତାନୀ

ଔପନିବେଶିକ କାଳରେ କପା, ଝୋଟ, ଚମଡ଼ା, ମସଲା, ଖଣିଜ ପଦାର୍ଥ, ଗହମ, ଚାହା, କଫି ଆଦି କଞ୍ଚାମାଲ ରୂପେ ରପ୍ତାନୀ ହେଉଥିଲା । ସେ ସମୟରେ ଆମଦେଶର ସମ୍ପୂର୍ଣ୍ଣ ବୈଦେଶିକ ବାଣିଜ୍ୟ ବ୍ରିଟିଶ୍ ଶାସନ ମାଧ୍ୟମରେ ହେଉଥିଲା । ସ୍ୱାଧିନତା ପ୍ରାପ୍ତିପରେ ଦ୍ରୁତ ଶିଳ୍ପ ବିକାଶ ହେତୁ ରପ୍ତାନୀ ଦ୍ରବ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ଆମ ଦେଶ 7500 ପ୍ରକାର ଦ୍ରବ୍ୟ ରପ୍ତାନୀ କରୁଛି । 1950-51 ମସିହାରେ ବହିର୍ବାଣିଜ୍ୟରୁ 607 କୋଟି ଟଙ୍କା ଅର୍ଜନ ହୋଇଥିବାବେଳେ 2004-05 ମସିହା ବେଳକୁ 3,56,069 କୋଟି ଟଙ୍କାରେ ପହଞ୍ଚିଥିଲା । ବିଗତ କିଛି ବର୍ଷ ମଧ୍ୟରେ ଇଞ୍ଜିନିୟରିଂ ଦ୍ରବ୍ୟ, ଦାମିକିଆ ପଥର ଓ ଆଭୂଷଣ, ରାସାୟନିକ ଓ ତତ୍ ସମ୍ପର୍କୀତ ଦ୍ରବ୍ୟ, କପଡ଼ା, ପେଟ୍ରୋଲିୟମ୍ ଉତ୍ପାଦ, କୃଷି ଓ କୃଷି ସମ୍ବନ୍ଧୀତ ଦ୍ରବ୍ୟ, ଖଣିଜ ପିଣ୍ଡ ଓ ଖଣିଜ ପଦାର୍ଥର ରପ୍ତାନୀ ବୃଦ୍ଧି ପାଇଛି ।



ଟିପ୍ପଣୀ

ସ୍ୱାଧୀନତା ପ୍ରାପ୍ତି ପରଠାରୁ ଦେଶର ରପ୍ତାନୀ ଦ୍ରବ୍ୟରେ ଲଗାତାର ପରିବର୍ତ୍ତନ ହେଉଛି । ବର୍ତ୍ତମାନ କଞ୍ଚାମାଲ ପରିବର୍ତ୍ତେ ଶିଳ୍ପ ସାମଗ୍ରୀ ରପ୍ତାନୀ ଦ୍ୱାରା ଦେଶକୁ ପ୍ରଚୁର ବୈଦେଶିକ ମୁଦ୍ରା ଆସୁଛି ।

**ଆମଦାନୀ**

ସ୍ୱାଧୀନତା ପ୍ରାପ୍ତି ପରେ ଦେଶର ଆମଦାନୀ ଦ୍ରବ୍ୟ ମୂଲ୍ୟରେ ଲଗାତାର ବୃଦ୍ଧି ହେବାରେ ଲାଗିଛି । ବର୍ତ୍ତମାନ ଆମେ 6000 ଦ୍ରବ୍ୟ ଆମଦାନୀ କରୁଛି । ସ୍ୱାଧୀନତା ପୂର୍ବରୁ ଆମଦାନୀ ହେଉଥିବା ମୁଖ୍ୟ ଦ୍ରବ୍ୟଗୁଡ଼ିକ ଯଥାକ୍ରମେ ଯାନ୍ତ୍ରିକ ଉପକରଣ, ମେସିନ୍, ଶିଳ୍ପଉତ୍ପାଦ, କପଡ଼ା, ରାସାୟନିକ ପଦାର୍ଥ, ଔଷଧ ଇତ୍ୟାଦି । ସ୍ୱାଧିନତା ପ୍ରାପ୍ତିର କିଛି ବର୍ଷ ପର୍ଯ୍ୟନ୍ତ ଦେଶର ବିଭାଜନ ହେତୁ ଦେଶ ଖାଦ୍ୟ ସାମଗ୍ରୀ ଆମଦାନୀ କରୁଥିଲା ।

1950-51 ମସିହାରେ ଦେଶରେ ପ୍ରାୟ 581 କୋଟି ଟଙ୍କାର ଦ୍ରବ୍ୟ ଆମଦାନୀ କରାଯାଇଥିଲା । 2004-05 ମସିହା ବେଳକୁ ଏହା 4,81,064 କୋଟି ଟଙ୍କାରେ ପହଞ୍ଚିଥିଲା । ବିଗତ 55 ବର୍ଷ ମଧ୍ୟରେ ଆମଦାନୀ କ୍ଷେତ୍ରରେ ଆଖି ଦୃଷ୍ଟିଆ ଉନ୍ନତି ହୋଇଛି ।

ଆମଦାନୀ କରୁଥିବା ଅନ୍ୟାନ୍ୟ ଦ୍ରବ୍ୟ ଯଥାକ୍ରମେ ପର୍ଲ, ମୂଲ୍ୟବାନ୍, ପଥର, ମେସିନ୍, ପରିଯୋଜନା ସମ୍ବନ୍ଧୀୟ ଉପକରଣ, ଔଷଧ, ଫାର୍ମାସ୍ୟୁଟିକାଲ୍ ଦ୍ରବ୍ୟ, ଜୈବ ତଥା ଅଜୈବ ରାସାୟନିକ ପଦାର୍ଥ, କୋଇଲା, କୋକ୍ ଇତ୍ୟାଦି ।

**ଭାରତର ବୈଦେଶିକ ବାଣିଜ୍ୟର ବର୍ତ୍ତମାନ ସ୍ଥିତି :**

ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ବୈଦେଶିକ ବାଣିଜ୍ୟ ବହୁତ ସୀମିତ ଥିଲା । ସେ ସମୟରେ ଦେଶ ପ୍ରାଥମିକ ଉତ୍ପାଦ ରପ୍ତାନୀ କରୁଥିଲା ଏବଂ ଶିଳ୍ପ ପ୍ରସ୍ତୁତ ସାମଗ୍ରୀ ଆମଦାନୀ କରୁଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ଶିଳ୍ପ ଓ କୃଷିକ୍ଷେତ୍ରରେ ଦ୍ରୁତ ଉନ୍ନତି ସାଧିତ ହୋଇଛି । ଏହା ସହିତ ଆନ୍ତର୍ଜାତୀୟ ବାଣିଜ୍ୟରେ ବ୍ୟାପକ ପ୍ରସାର ହେଲା । ଗତ ଦଶନ୍ଧିରେ ଆମଦାନୀ-ରପ୍ତାନୀ ଦ୍ରବ୍ୟରେ ବ୍ୟାପକ ପରିବର୍ତ୍ତନ ଆସିଛି । ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଇଁ ଭାରତ ଏସିଆ, ଆଫ୍ରିକୀୟ ଦେଶ ସମୂହ ତଥା ଓସନିଆ ସହ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି କରିଛି । ରପ୍ତାନୀ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ କେତେକ ପଦକ୍ଷେପ ନିଆଯାଇଛି । ଯଥା : ଅଳ୍ପ ସୁଧ ହାରରେ ରପ୍ତାନୀ ପାଇଁ ଋଣ ପ୍ରଦାନ, ରପ୍ତାନୀ କଟକଣା କିଛି ପରିମାଣ ହଟାଯିବା ଇତ୍ୟାଦି । ଅଧିକ ମୂଲ୍ୟ ସମ୍ପନ୍ନ ଦ୍ରବ୍ୟ ରପ୍ତାନୀ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି ।

ଏହାଛଡ଼ା ଆମଦାନୀ ଉପରେ ମଧ୍ୟ ଆମେ ଉଦାରୀକରଣ ନୀତି ଗ୍ରହଣ କରିଛୁ । ନୂତନ ଆମଦାନୀ ନୀତି ଗ୍ରହଣ ଫଳରେ ଦେଶର ଅର୍ଥବ୍ୟବସ୍ଥା ସୁଦୃଢ଼ ହୋଇଛି । ନିର୍ମାଣ ଉଦ୍ୟୋଗରେ ବ୍ୟବହୃତ ଦ୍ରବ୍ୟକୁ ସହଜ ସର୍ତ୍ତରେ ଆମଦାନୀ କରାଯାଉଛି ।

ଟିପ୍ପଣୀ

## ଭାରତର ବୈଦେଶିକ ବାଣିଜ୍ୟ




*ଚିତ୍ର ନଂ ୨୫.୭ ଭାରତର ବୈଦେଶିକ ବାଣିଜ୍ୟର ବର୍ତ୍ତମାନ ସ୍ଥିତି*

**ବାଣିଜ୍ୟ ସନ୍ତୁଳନ :**

ଆମଦାନୀ ଓ ରପ୍ତାନୀର ମୂଲ୍ୟରେ ଥିବା ପାର୍ଥକ୍ୟକୁ ବାଣିଜ୍ୟ ସନ୍ତୁଳନ କୁହାଯାଏ । ଆମଦାନୀ ଓ ରପ୍ତାନୀ ମୂଲ୍ୟରେ ସମାନତା ଥିଲେ, ସନ୍ତୁଳିତ ବୈଦେଶିକ ବାଣିଜ୍ୟ କୁହାଯାଏ । ଆମଦାନୀ ମୂଲ୍ୟଠାରୁ ରପ୍ତାନୀ ମୂଲ୍ୟ ଅଧିକ ହେଲେ ଅନୁକୂଳ ବାଣିଜ୍ୟ ଏବଂ ରପ୍ତାନୀ ଠାରୁ ଆମଦାନୀ ମୂଲ୍ୟ ଅଧିକ ହେଲେ ପ୍ରତିକୂଳ ବାଣିଜ୍ୟ କହନ୍ତି । ସ୍ୱାଧୀନତା ପ୍ରାପ୍ତି ସମୟରେ ଆମଦେଶରେ ବୈଦେଶିକ ବାଣିଜ୍ୟ ସନ୍ତୁଳିତ ଥିଲା । ପରେ ପରେ ଖାଦ୍ୟ ସାମଗ୍ରୀର ଆମଦାନୀ ହେତୁ ଆମଦାନୀ ବାଣିଜ୍ୟ ଦ୍ରୁତଗତିରେ ବୃଦ୍ଧିପାଇଲା । ବର୍ତ୍ତମାନ ମଧ୍ୟ ଆମଦେଶର ରପ୍ତାନୀ





ଠାରୁ ଆମଦାନୀ ବାଣିଜ୍ୟ ଅଧିକ ହେବାରୁ ଦେଶର ଅର୍ଥବ୍ୟବସ୍ଥାରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି । 2004-05 ରେ ଆମ ଦେଶର ବାଣିଜ୍ୟ ଅଭାବ ଥିଲା –123995 ଟଙ୍କା । ବାସ୍ତବିକ ଆମର ରପ୍ତାନୀ ଓ ଆମଦାନୀରେ ଉଭୟ ପରିମାଣ ଓ ମୂଲ୍ୟରେ ମାତ୍ରାଧିକ ବୃଦ୍ଧି ଘଟିଛି । ବିଗତ 55 ବର୍ଷ ମଧ୍ୟରେ ବିଶ୍ୱ ବାଣିଜ୍ୟରେ ଭାରତର ଭାଗୀଦାରୀ ଅତି ନ୍ୟୁନ । ଏହା ପୃଥିବୀର ମୋଟ୍ ବାଣିଜ୍ୟ 1ପ୍ରତିଶତରୁ ମଧ କମ୍ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୫.୬

1. ବୈଦେଶିକ ବାଣିଜ୍ୟ ବିଭକ୍ତ ହୋଇଥିବା ଦୁଇ ଭାଗର ନାମ ଲେଖ ।

   (i) ____________________ (ii) ____________________

2. ସ୍ୱାଧୀନତା ପ୍ରାପ୍ତି ପରେ ଭାରତର ରପ୍ତାନୀ ବାଣିଜ୍ୟରେ କେଉଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି ?

   (i) ____________________ (ii) ____________________

3. ଭାରତର ଦୁଇଟି ପ୍ରମୁଖ ବାଣିଜ୍ୟ ସହଯୋଗୀ ଦେଶର ନାମ ଲେଖ ।

   (i) ____________________ (ii) ____________________

4. ଆମର ମୋଟ୍ ଆମଦାନୀ ଦ୍ରବ୍ୟ ମଧ୍ୟରୁ କେଉଁ ଦ୍ରବର ଅଂଶ ଅଧିକ ?

   (i) ____________________ (ii) ____________________

5. ବୈଦେଶିକ ବାଣିଜ୍ୟର ପ୍ରୋତ୍ସାହନ ପାଇଁ ଆମ ଦେଶ କେଉଁ ନୀତି ଗ୍ରହଣ କରିଛି ?

   (i) ____________________ (ii) ____________________

6. ବାଣିଜ୍ୟ ସନ୍ତୁଳନ କ'ଣ ?

   (i) ____________________ (ii) ____________________

## ତୁମେ କ'ଣ ଶିଖିଲ

ଆଧାରିକ ସଂରଚନା କୌଣସି ବ୍ୟବସ୍ଥା ବା ସଂଗଠନର ବିକାଶର ମୂଳଦୁଆ ଅଟେ । ପରିବହନ, ଯୋଗାଯୋଗ ଓ ବାଣିଜ୍ୟକୁ ଆଧାରିକ ସଂରଚନାର ସମ୍ବଳ କୁହାଯାଏ । ଦେଶର ଅର୍ଥନୈତିକ ବିକାଶ ବିଶେଷଭାବେ, କୃଷି ଓ ଶିଳ୍ପର ବିକାଶ ଏହି ସେବାର ସୁଲଭତା ଉପରେ ନିର୍ଭର କରେ ।

ରେଳପଥ, ସଡ଼କପଥ ଓ ପାଇପ୍ ଲାଇନ୍ ଆଦି ସ୍ଥଳ ପରିବହନର ମାଧ୍ୟମ । ଦେଶର ସଂହତିର ସଶକ୍ତିକରଣ ତଥା ସୁରକ୍ଷା ଦିଗରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦେଶର ସାମାଜିକ ତଥା ଅର୍ଥନୈତିକ ପ୍ରଗତି ଏହାଦ୍ୱାରା ସମ୍ଭବ ହୋଇଥାଏ । ଜଳପରିବହନ ଶସ୍ତା ମାତ୍ର ଅତି ଧୀର ପରିବହନ ସାଧନ ଅଟେ ।



ଟିପ୍ପଣୀ

ଦେଶରେ ଆଭ୍ୟନ୍ତରୀଣ ଜଳ ପରିବହନର ବିକାଶ କେବଳ ପୂର୍ବାଞ୍ଚଳ ଓ ପୂର୍ବ ଉପକୂଳ ଅଂଚଳରେ ହିଁ ସୀମିତ । ଅଷ୍ଟ୍ରେଲିଆ, ଦକ୍ଷିଣ-ପୂର୍ବ ଏସିଆ ଏବଂ ୟୁରୋପର ସଂଯୋଗ ସ୍ଥଳ ସୁଏଜ କେନାଲ ପଥରେ ଭାରତ ଅବସ୍ଥିତ । ଆକାଶ ପରିବହନ ସବୁଠାରୁ ମହଙ୍ଗା ତଥା ଦ୍ରୁତ ପରିବହନ ମାଧ୍ୟମ ଅଟେ । ସଡ଼କପଥ ନିର୍ମାଣ ତଥା ମରାମତି କରିବା ଅସମ୍ଭବ ହେଉଥିବା ଦୁର୍ଗମ ଅଞ୍ଚଳରେ ଆକାଶ ପରିବହନ ଅତ୍ୟନ୍ତ ଜରୁରୀ । ଦୀର୍ଘପଥ ଯାତ୍ରା ପାଇଁ ରେଳ ପରିବହନ ଉପଯୁକ୍ତ । ରେଳ ପରିବହନରେ ଏକକାଳୀନ ଅଧିକ ମାଲ ବା ଯାତ୍ରୀ ପରିବାହିତ ହୁଏ । ଉତ୍ତରସ୍ଥ ସମତଳ ଅଞ୍ଚ, ପୂର୍ବ ଉପକୂଳ ସମତଳ ଅଞ୍ଚଳ ଏବଂ ଗୁଜୁରାଟ ସମତଳ ଅଂଚଳରେ ବହୁତ ରେଳପଥ ରହିଛି । କିନ୍ତୁ ହିମାଳୟ ପାର୍ବତ୍ୟାଞ୍ଚଳ, ଉତ୍ତର-ପୂର୍ବାଞ୍ଚଳ, ପଶ୍ଚିମ ରାଜସ୍ଥାନରେ ରେଳପଥ ବିରଳ । ସଡ଼କ ପରିବହନ ସେବା ଘର ପର୍ଯ୍ୟନ୍ତ ପହଞ୍ଚିପାରେ । ଅଳ୍ପଦୂର ଯାତ୍ରା ପାଇଁ ସଡ଼କ ପରିବହନ ଉପଯୁକ୍ତ । ପଞ୍ଜାବ, କେରଳ ଏବଂ ତାମିଲନାଡୁରେ ସର୍ବାଧିକ ସଡ଼କ(ପକ୍କା)ପଥ ରହିଛି ।

ବ୍ୟକ୍ତି ବିଶେଷ ବା ସମୂହ ସ୍ତରରେ ବାର୍ତ୍ତାର ଆଦାନ ପ୍ରଦାନକୁ ଯୋଗାଯୋଗ କୁହାଯାଏ । ଡାକସେବା, ଟେଲିଫୋନ୍, ରେଡ଼ିଓ, ଟେଲିଭିଜନ ଏବଂ ପ୍ରିଣ୍ଟ୍ ମିଡ଼ିଆ ଯୋଗାଯୋଗର ଅନ୍ତର୍ଗତ । ପରିବହନ ଓ ଯୋଗାଯୋଗ ପରସ୍ପରର ପରିପୂରକ ଅଟନ୍ତି ।

ସ୍ୱାଧୀନତା ପରଠାରୁ ଭାରତର ବାଣିଜ୍ୟିକ ସମ୍ପର୍କ ଦ୍ରୁତଗତିରେ ବୃଦ୍ଧି ହୋଇଛି । ଅନେକ ବିକଶିତ ତଥା ବିକାଶଶୀଳ ଦେଶ ସହ ଆମଦେଶର ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରହିଛି । ସ୍ୱାଧୀନତା ପ୍ରାପ୍ତିପରେ ଆମର ଆମଦାନୀ ତଥା ରପ୍ତାନୀ ବାଣିଜ୍ୟରେ ବ୍ୟାପକ ପରିବର୍ତ୍ତନ ହୋଇଛି । ବାଣିଜ୍ୟିକ ଉଦାରୀକରଣ ନୀତି ଅବଲମ୍ବନ କରି ଆମଦାନୀ କଟକଣା କୋହଳ କରାଯାଇଛି । ଆମ ଦେଶର ବୈଦେଶିକ ବ୍ୟାପାରରେ ଅଭୂତପୂର୍ବ ବୃଦ୍ଧି ସତ୍ତ୍ୱେ ବିଶ୍ୱ ବାଣିଜ୍ୟରେ ଭାରତର ଅଂଶ ଅତି ନ୍ୟୁନ- ଏକ ପ୍ରତିଶତରୁ ମଧ୍ୟ କମ୍ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. 'ଆଧାରିକ ସଂରଚନା' କ'ଣ ବୁଝାଅ ।

୨. ରେଳ ପରିବହନର ଦୁଇଟି ଉପକାରିତା ଲେଖ ।

୩. ଉତ୍ତରସ୍ଥ ସମତଳ ଅଞ୍ଚଳରେ ବହୁତ ରେଳପଥ ଥିବାର ୨ଟି କାରଣ ଲେଖ ।

୪. ସଡ଼କ ପରିବହନର ଦୁଇଟି ଉପକାରିତା ଲେଖ ।

୫. ଭାରତର ଉତ୍ତର-ପୂର୍ବାଞ୍ଚଳରେ ଆକାଶ ପରିବହନ ଅଧିକ ପ୍ରୟୋଜନ କାହିଁକି ?

୬. ପାର୍ଥକ୍ୟ ଦର୍ଶାଅ ।

(i) ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ

(ii) ପକ୍କା ସଡ଼କ ଓ କଚ୍ଚା ସଡ଼କ

(iii) ରପ୍ତାନୀ ଓ ଆମଦାନୀ

୭. ଆମ ଦେଶର ଯୋଗାଯୋଗ ପଦ୍ଧତିରେ ଡାକସେବାର ଭୂମିକା ବର୍ଣ୍ଣନା କର ।

୮. ଉପଯୁକ୍ତ ଉଦାହରଣ ସହ ଭାରତର ବୈଦେଶିକ-ବ୍ୟାପାରର ସ୍ୱରୂପ ପରିବର୍ତ୍ତନ ବର୍ଣ୍ଣନା କର ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନର ଉତ୍ତର

### 25.1

1. ପରିବହନ, ବିଦ୍ୟୁତ୍ ସରବରାହ ଓ ବିତରଣ, ଯୋଗାଯୋଗ
2. 63.2 କୋଟି କି.ମି
3. (a) ଦୀର୍ଘତମ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ।

   (b) ଓଜନିଆ ଦ୍ରବ୍ୟର ବହୁମାତ୍ରାରେ ସ୍ଥାନାନ୍ତରଣ ।
4. ଉତ୍ତରସ୍ଥ ସମତଳ ଅଞ୍ଚଳ ଓ ଗୁଜୁରାଟର ସୌରାଷ୍ଟ୍ର
5. (i) ପାର୍ବତୀୟ ଭୂ-ଭାଗ (ii) ଘଞ୍ଚ ଜଙ୍ଗଲ (iii) ପ୍ରବଳ ବର୍ଷା
6. ପାହାଡ଼ିଆ ଅଞ୍ଚଳ, ଉଚ୍ଚାନିଚ୍ଚା ଭୂମି ଏବଂ ପର୍ବତମାଳା

### 25.2

1. 13, 94,061 କି.ମି.
2. ବାରଣାସୀ ଓ କନ୍ୟାକୁମାରୀ
3. ପଞ୍ଜାବ ଓ କେରଳ
4. ଲେହରୁ ମନାଲି
5. ଗ୍ରାମୀଣ କ୍ଷେତ୍ର
6. ସ୍ୱଳ୍ପ ଜନବହୁଳତା, ପ୍ରାକୃତିକ ସମ୍ପଦର ଅଭାବ, ପାହାଡ଼ି ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲ
7. 5846 କି.ମି.

### 25.3

1. ପେଟ୍ରୋଲ୍ ଓ ପ୍ରାକୃତିକ ବାଷ୍ପ
2. HBJ ପାଇପ୍ ଲାଇନ୍ ହାଜିରା, ବିଜୟପୁର, ଜଗଦୀଶ ପୁର
3. ମୁମ୍ବାଇ
4. ଗଙ୍ଗା ଓ ବ୍ରହ୍ମପୁତ୍ର

### 25.4

1. ଏୟାର୍ ଇଣ୍ଡିଆ
2. ଇଣ୍ଡିଆନ୍ ଏୟାରଲାଇନ୍ସ୍



ଟିପ୍ପଣୀ

3. ଭାରତର ଉତ୍ତର-ପୂର୍ବାଞ୍ଚଳ
4. (i) ମୁମ୍ବାଇ (ii) ଦିଲ୍ଲୀ (iii) କୋଲକାତା (iv) ଚେନ୍ନାଇ (v) ତିରୁଅନନ୍ତପୁରମ୍
5. (i) ତୀବ୍ର ଓ ଦ୍ରୁତଗାମୀ (ii) ବହୁତ ମହଙ୍ଗା
6. ଜେଟ୍ ଏୟାର ଜେନ୍, ସାହାରା ଏୟାରଲାଇନ୍ସ୍, କିଙ୍ଗ୍ ଫିସର୍ ଏୟାରଲାଇନ୍ସ୍

**25.5**

1. (i) Postal Index Number
   (ii) Quick Mail Service
   (iii) Subscriber Trunk Dialing
   (iv) International Subscriber Dialing
2. (i) ରେଡ଼ିଓ (ii) ଦୂରଦର୍ଶନ (iii) ସିନେମା
3. ସମ୍ବାଦପତ୍ର, ବିଭିନ୍ନ ପ୍ରକାର ପତ୍ରିକା

**25.6**

1. ରପ୍ତାନୀ ଓ ଆମଦାନୀ
2. ପ୍ରାଥମିକ ଉତ୍ପାଦ ବଦଳରେ ଦ୍ୱିତୀୟକ ଉତ୍ପାଦର ରପ୍ତାନର ବୃଦ୍ଧି
3. (i) USA (ଆମେରିକା) (ii) ଋଷ୍
4. ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଉତ୍ପାଦ
5. (i) ବାଣିଜ୍ୟ ଉଦାରୀକରଣ ଏବଂ ଆମଦାନୀ କଟକଣା କୋହଳ
6. ରପ୍ତାନୀ ଓ ଆମଦାନୀ ମୂଲ୍ୟରେ ପାର୍ଥକ୍ୟ

## ପାଠାନ୍ତ ପ୍ରଶ୍ନାବଳୀର ସଙ୍କେତ

1. 25.1 ଅନୁଚ୍ଛେଦ ଦେଖ ।
2. 25.3 ଅନୁଚ୍ଛେଦ ଦେଖ ।
3. ଅଧିକ ରେଳପଥ ଥିବା କାରଣ - ସମତଳ ଭୂମି, ଉର୍ବର ମାଟି, ଅଧିକ ଜନସଂଖ୍ୟା, ଶିଳ୍ପୋଦ୍ୟୋଗର ବିସ୍ତାର ( ଯେକୌଣସି 2ଟି)
   ଅଧିକ ବିବରଣୀ ପାଇଁ 25.3 ଅନୁଚ୍ଛେଦ ଦେଖ ।
4. 25.4 ଅନୁଚ୍ଛେଦ ଦେଖ ।
5. 25.7 ଅନୁଚ୍ଛେଦ ଦେଖ ।



ଟିପ୍ପଣୀ

6. (i) 24.4 ଅନୁଛେଦ ଦେଖ

   (ii) 25.4 ଅନୁଛେଦ ଦେଖ

   (iii) 25.9 ଅନୁଛେଦ ଦେଖ ।

7. 25.8 ଅନୁଛେଦ ଦେଖ ।

8. 25.9 ଅନୁଛେଦ ଦେଖ ।